

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୧ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 April 2026

Vol.No. 36 ■ No.105 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କ ପ୍ରତି ଉପସାଗରୀୟ ଦେଶ ଗୁଡିକର ମୋହଭଙ୍ଗ: ସାଉଦି ପ୍ରକାଶ କଲା ନିରାଶ ଭାବ



ନୂଆଦିଲ୍ଲୀ,୨୦/୪ : ଯେତେବେଳେ ଆମେରିକା ଇରାନ ଯୁଦ୍ଧରେ ପ୍ରବେଶ କରିଥିଲା, ସେତେବେଳେ ପ୍ରାରମ୍ଭରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନୁମାନ କରିନଥିଲେ ଯେ, ଯୁଦ୍ଧ ଲମ୍ବା ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ, ଆମେରିକାକୁ ଅନେକ ଉପସାଗରୀୟ ଦେଶରୁ ସମର୍ଥନ ମଧ୍ୟ ମିଳିଥିଲା । ଯେତେବେଳେ ଇରାନ ଅନ୍ୟ ଉପସାଗରୀୟ ଦେଶଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ସେମାନେ ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଥିଲେ, ଫଳରେ ଉପସାଗରୀୟ ଦେଶଗୁଡ଼ିକର ବହୁ କ୍ଷତି ମଧ୍ୟ ହୋଇଥିଲା। ବର୍ତ୍ତମାନ, ଯୁଦ୍ଧ ଆରମ୍ଭ ହେବାର ପ୍ରାୟ ସାତ ସପ୍ତାହ ବିତିଗଲାଣି, କିନ୍ତୁ କୌଣସି ଅନ୍ତ ଦେଖାଯାଉ ନଥିବାରୁ ଧୀରେ ଧୀରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ସେମାନଙ୍କର ମୋହଭଙ୍ଗ ହୋଇଛି। ଟ୍ରମ୍ପଙ୍କ ନୀତି ପ୍ରତି ସେମାନେ ନିରାଶ ଭାବ ପ୍ରକାଶ କରିଛନ୍ତି। ଫଳରେ ଏବେ ଆମେରିକୀୟ ରାଷ୍ଟ୍ରପତି ପ୍ରତିଦିନ କିଛି ନା କିଛି ବିପର୍ଯ୍ୟୟର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପସାଗରୀୟ ଦେଶ ଗୋଟିଏ ପରେ ଗୋଟିଏ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ଏବଂ ଏବେ ତାଙ୍କଠାରୁ ଦୂରେଇ ରହିବା ମନୋଭାବରେ ଅଛନ୍ତି। ଏହି ପରିସ୍ଥିତିରେ, ଟ୍ରମ୍ପ ଇରାନ ଯୁଦ୍ଧ ଦ୍ୱାରା ଗଭୀର ଭାବରେ ଫସିଥିବା ପରି ମନେ ହେଉଛି, ଯେଉଁଥିରୁ ସେ ବାହାରିବାର ରାସ୍ତା ଖୋଜି ପାରୁ ନାହାନ୍ତି। ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଟ୍ରମ୍ପ ଯେତେ ଦାବି କଲେ ମଧ୍ୟ, ସତ କଥା ହେଉଛି, ତାଙ୍କ ନିଜ ସହଯୋଗୀମାନେ ମଧ୍ୟ ତାଙ୍କ ଉପରେ ବିଶ୍ୱାସ ହରାଉଛନ୍ତି। ସାମ୍ପ୍ରତିକ ଘଟଣାକ୍ରମରେ, ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ମଧ୍ୟ ଦାବି ଉଠିଛି ଯେ ନିଜ ସୁରକ୍ଷା ପାଇଁ ଦେଶରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ବନ୍ଦ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ରାଜନୈତିକ ବିଶ୍ଳେଷକ ଅବଦୁଲ୍ଲା ରଏଟର୍ସଙ୍କୁ କହିଛନ୍ତି ୟୁଏଇକୁ ଆଉ ନିଜର ପ୍ରତିରକ୍ଷା ପାଇଁ ଆମେରିକାର ଆବଶ୍ୟକତା ନାହିଁ। କାରଣ ଏହା ଇରାନ ଆକ୍ରମଣ ସମୟରେ ନିଜକୁ ରକ୍ଷା କରିବାରେ ସକ୍ଷମ ପ୍ରମାଣିତ ହୋଇଛି। ୟୁଏଇକୁ ଏବେ କେବଳ ଆମେରିକାର ସବୁଠାରୁ ଆଧୁନିକ ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ଆବଶ୍ୟକ। ତେଣୁ, ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ବନ୍ଦ କରିବା ବିଷୟରେ ବିଚାର କରିବାର ସମୟ ଆସିଛି, କାରଣ ସେଗୁଡ଼ିକ ଏକ ରଣନୈତିକ ସମ୍ପତ୍ତି ନୁହେଁ। ସେସବୁ ୟୁଏଇ ପାଇଁ ଏକ ବୋଝ ପାଲଟିଛି। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଧିକାଂଶ ଉପସାଗରୀୟ ଦେଶ ଆମେରିକାକୁ ସମର୍ଥନ କରିଥିଲେ, କିନ୍ତୁ ୟୁଏଇ ପ୍ରଥମେ ଖୋଲାଖୋଲି ଭାବରେ ସମର୍ଥନ କରୁଥିବା ଦେଶମାନଙ୍କ ମଧ୍ୟରେ ଥିଲା। ଯେତେବେଳେ ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ସମର୍ଥନ ମାଗିଥିଲେ, ୟୁଏଇ ଇସ୍ରାଏଲ ଏବଂ ଆମେରିକାକୁ ସମର୍ଥନ ଘୋଷଣା କରିବାରେ ପ୍ରଥମ ଦେଶ ଥିଲା। ତେବେ ଇରାନ ସହିତ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ କ୍ରମାଗତ ଆକ୍ରମଣାତ୍ମକ ବୟାନବାଜି ପରେ, ୟୁଏଇ ଏବେ ନିଜର ମତ ବଦଳାଇବା ଆରମ୍ଭ କରିଛି। ବିଶେଷଜ୍ଞଙ୍କ ଅନୁସାରେ ଏହି ଯୁଦ୍ଧରେ ୟୁଏଇ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି।

◆◆ପୃଷ୍ଠା ୭

## ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି : ମେ ୨ ତାରିଖ ସୁଦ୍ଧା ଜଳ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୦/୪ (ନି.ପ୍ର): ମହାନଦୀ ଜଳ ବିବାଦ ସମାଧାନ ଉପରେ ବଡ଼ ଅଗ୍ରଗତି ହୋଇଛି। ଆଜି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ହୋଇଛି। ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଉଭୟ ଛତିଶଗଡ଼ ଓ ଓଡ଼ିଶାକୁ ଜଳ ତଥ୍ୟ ମାଗିଛନ୍ତି। ୮ ବର୍ଷ ବିତିଥିଲେ ମଧ୍ୟ ବିବାଦର ସମାଧାନ ହୋଇପାରିନି। ବିଜେପି ସରକାର ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଥିବା ବେଳେ ବିଳମ୍ବକୁ ନେଇ କଡ଼ା ସମାଲୋଚନା କରିଛି ବିଜେଡି । ମହାନଦୀ ଜଳ ଉପରେ ଆଉ ଛତିଶଗଡ଼ର ମନମାନି ଦେଖିବାକୁ ମିଳିନପାରେ। ଯେଉଁ ଛତିଶଗଡ଼ ଚାହୁଁଥିଲେ ଓଡ଼ିଶାରେ ବନ୍ୟା ଓ ମରୁଡି ହେଉଥିଲା, ଏଣିକି ତା ଉପରେ ରୋକ ଲାଗିପାରେ । ସେଭଳି କିଛି ତଥ୍ୟ ମାଗିଛନ୍ତି ମହାନଦୀ ଟ୍ରିବ୍ୟୁନାଲ । ଆଜି ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦ ଶୁଣାଣି ଥିଲା। ମାମଲାର ଶୁଣାଣି କରି ମୌସୁମୀ ଓ ଅଣ ମୌସୁମୀ ସମୟର ଜଳ ପ୍ରବାହ ସମୟର ପୁରା ତଥ୍ୟ ମାଗିଛନ୍ତି ଟ୍ରିବ୍ୟୁନାଲ। ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କୁ ମେ ୨ ତାରିଖ ସୁଦ୍ଧା ଜଳ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ,ତାରିଖ ପରେ ତାରିଖ ଗଡୁଛି, ହେଲେ ଓଡ଼ିଶାକୁ ନ୍ୟାୟ ମିଳୁନି। ବିଜେପି ସରକାର ଆପୋଷ ବୁଝାବଣାରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦେଉଛନ୍ତି। ସେ କହିଛନ୍ତି, ଛତିଶଗଡ଼ ସହ ଆଲୋଚନା ପୂର୍ବରୁ ମୋଡାଲିଟି ପ୍ରସ୍ତୁତ କରୁଛନ୍ତି ଓଡିଶା ସରକାର। ବିଗତ ସମୟରେ ମୌସୁମୀରେ କେତେ ବର୍ଷା ହୋଇଛି ସେ ତଥ୍ୟକୁ ଅନୁଧ୍ୟାନ କରାଯାଉଛି। ସେହି ଅନୁସାରେ ଛତିଶଗଡ଼ କେତେ ପାଣି ରଖିବ ଓ ଛାଡିବ ତାହା ନିର୍ଦ୍ଧାରଣ କରାଯିବ। ହେଲେ ବିଜେଡି କହିଛି, ଉଭୟ ରାଜ୍ୟରେ ଗୋଟିଏ ସରକାର ଅଛି, ମାନସିକତା ଗୋଟେ, ହେଲେ ସମସ୍ୟାର ସମାଧାନ ହେଉ ନାହିଁ। ଆପୋଷ ଆଲୋଚନା ପାଇଁ ଛତିଶଗଡ଼ ସରକାର ଚାହୁଁନଥିବାରୁ ଏକ ପ୍ରହଳିକାରେ ପରିଣତ ହୋଇଛି ।ଛତିଶଗଡର ଚକ୍ରାନ୍ତ ଯୋଗୁ ଗତ ୮ ବର୍ଷ ହେବ ଓଡ଼ିଶାର ଜୀବନରେଖା ମହାନଦୀର ପାଣି ଶୁଖିବାରେ ଲାଗିଛି। ନିକଟରେ ମହାନଦୀ ଟ୍ରିବ୍ୟୁନାଲ ଓଡ଼ିଶା ଏବଂ ଛତିଶଗଡ଼ ଆସି ସ୍ଥିତି ସମୀକ୍ଷା କରିଥିଲେ। ଏବେ ଟ୍ରିବ୍ୟୁନାଲ ଜଳ ତଥ୍ୟ ମାଗିବା ପରେ ମହାନଦୀ ବିବାଦର ସମାଧନ ଶୀଘ୍ର ହେବ ବୋଲି ଆଶା କରାଯାଉଛି।

## ରଥଖଳାକୁ ଆସିଲା ଆଜ୍ଞାମାଳ: ଅକ୍ଷୟ ତୃତୀୟାରେ ହେଲା ରଥକାଠ ଅନୁକୂଳ



ପୁରୀ, ୨୦/୪ (ନି.ପ୍ର): ଅନୁକୂଳ ହେଲା ରଥ ନିର୍ମାଣ । ଆଜି ବିଶ୍ୱ ନିୟନ୍ତାଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହୋଇଛି । ଏହା ଭିତରେ ୩୨୬ ଖଣ୍ଡ କାଠ ରଥଖଳାରେ ରହିଛି । ରଥ ନିର୍ମାଣକାରୀଙ୍କ ଦ୍ୱାରା ରଥ ନିର୍ମାଣ କରାଯିବ । ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥଖଳା ପ୍ରସ୍ତୁତ ହୋଇଛି । ବନଯାଗ ବିଧିରେ ପୂଜା ସମ୍ପାଦନା କରିବେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣ । ମହାପ୍ରଭୁଙ୍କ ୨୧ ଦିନ ଧରି ଆଜି ଠାରୁ ଚନ୍ଦନ ଯାତ୍ରାରେ ବାହାରିବେ ।

## କଟକର ସିଆରଆରଆଇଠାରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଅକ୍ଷୟ ତୃତୀୟାରେ ୪୧ ଲକ୍ଷରୁ ଅଧିକ ଚାଷୀଙ୍କୁ ସିଏମ କିଷାନ ସହାୟତା






କଟକ/ ଭୁବନେଶ୍ୱର, ୧୯/୪ (ନି.ପ୍ର): ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଯେ ଏହି ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ କୃଷକ ପରିବାରର ଚାଷୀ ଏବଂ ୩,୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ। ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତକୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ। ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେ ଏହି ସଫଳତା ପାଇଁ ରାଜ୍ୟର

◆◆ପୃଷ୍ଠା ୭

## ଅଂଶୁଘାତରେ ଚାଲିଗଲା ଶିକ୍ଷକଙ୍କ ଜୀବନ

ଭୁବନେଶ୍ୱର, ୨୦/୪ (ନି.ପ୍ର): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଚିନ୍ତା ବଢ଼ାଇଛି ଅଂଶୁଘାତଜନିତ ମୃତ୍ୟୁ । କଟକ ଜିଲ୍ଲା ନରସିଂହପୁର ଓ ସୋନପୁରରେ ଅଂଶୁଘାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି । ଗୋଟିଏ ପଟେ ଅଂଶୁଘାତ, ଅନ୍ୟପଟେ ତାତିକୁ ନେଇ ୱାର୍ଣ୍ଣିଂ ଜାରି ହୋଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ସହ ଉଷ୍ଣରାତିକୁ ନେଇ ଚେତାବଦୀ ଦେଇଛି ପାଣିପାଗ ବିଭାଗ । ପ୍ରବଳ ତାତି ସାଙ୍ଗକୁ କଲବଲ କରୁଛି ଗୁଳଗୁଳି । ଏହାରି ଭିତରେ ବିଭିନ୍ନ ସ୍ଥାନରୁ ଆସିଛି ଅଂଶୁଘାତଜନିତ ମୃତ୍ୟୁ ଖବର । ସୁବର୍ଣ୍ଣପୁର ଓ କଟକ ନରସିଂହପୁରରେ ଅଂଶୁଘାତରେ ଦୁଇଜଣଙ୍କ ମୃତ୍ୟୁ ସନ୍ଦେହ ଚିନ୍ତା ବଢ଼ାଇଛି । ସୁବର୍ଣ୍ଣପୁର ବମରାଜ ଗାଁରେ ଶିକ୍ଷକ ବଂଶୀଧର ଭୋଇ ଗୃହଗଣନା ସାରି ଘରକୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ତେବେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ । ତାଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । କଟକ ନରସିଂହପୁର ବ୍ଲକ ଜୟମଙ୍ଗଳ ଗ୍ରାମର ସନ୍ତୋଷ ରାଉତ କାମ କରୁଥିବା ବେଳେ ହଠାତ୍ ଟଳିପଡ଼ିଥିଲେ । ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଏପଟେ ପ୍ରବଳ ଖରା ଓ ରାତିରେ ପାରଦ ଅଧିକ ରହିବା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ଗରମ, ଗୁଳୁଗୁଳି ସହ ହିଟ୍‌ୱେଭ ଓ ଉଷ୍ଣରାତି ନେଇ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତାକାଲି ପାଇଁ କନ୍ଧମାଳ, ଅନୁଗୁଳ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼କୁ ରାତିର ଗରମ ନେଇ ଚେତାବନୀ ଜାରି କରାଯାଇଛି ।

## ଜାପାନରେ ୭.୪ ତୀବ୍ରତାଯୁକ୍ତ ଭୂମିକମ୍ପ: ସୁନାମି ସତର୍କତା ଜାରି

ନୂଆଦିଲ୍ଲୀ,୨୦/୪ : ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୪ ମାପ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ସାନରିକୁ ଉପକୂଳରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଥିବାବେଳେ ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିଲୋମିଟର ଗଭୀରରେ ଥିବା ଆକଳନ କରାଯାଇଛି। ଭୂମିକମ୍ପ ପରେ ଜାପାନରେ ହାଇ ଆଲର୍ଟ ଜାରି କରାଯାଇଛି। ଜାପାନ ପାଣିପାଗ ସଂସ୍ଥା କହିଛି, ହୋକାଇଡୋ ଏବଂ ଇୱାଟେ ପାଇଁ ପ୍ରଳୟଙ୍କରୀ ସମୁଦ୍ର ଜୁଆର ସୁନାମି ଚେତାବନୀ ଜାରି କରାଯାଇଛି। ଉଭୟ ଅଞ୍ଚଳରେ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ସାର୍ବଜନୀନ ପ୍ରସାରକ ଏନ୍‌ଏଚ୍‌କେ କହିଛି, ପାଣିପାଗ ବିଜ୍ଞାନୀମାନେ ଜାପାନର ମୁଖ୍ୟ ଦ୍ୱୀପର ଉତ୍ତର ଭାଗରେ ଅବସ୍ଥିତ ଆଓମୋରି ପ୍ରିଫେକ୍ଚରର ଉପକୂଳରୁ ୫୦ କିଲୋମିଟର ଦୂରରେ ସୁନାମି ଆକଳନ କରିଛନ୍ତି। ସୁନାମି ସତର୍କତା ପରେ, ସମୁଦ୍ରରେ ଥିବା ଜାହାଜଗୁଡ଼ିକୁ କୂଳକୁ ଆସିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଅନ୍ୟପକ୍ଷରେ, ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ପରେ

◆◆ପୃଷ୍ଠା ୭

## ଦ୍ୱିତୀୟ ବିବାହ କରିଥିଲେ ବି ପ୍ରଥମ ସ୍ୱାମୀଙ୍କ ମୃତ୍ୟୁର ଦୁର୍ଘଟଣା କ୍ଷତିପୂରଣ ପାଇବାକୁ ସ୍ତ୍ରୀ ହକଦାର୍



ନୂଆଦିଲ୍ଲୀ,୨୦/୪ : ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତେଲେଙ୍ଗାନା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କୁ ମିଳୁଥିବା କ୍ଷତିପୂରଣରେ ଦ୍ୱିତୀୟ ବିବାହ ବାଧକ ହେବ ନାହିଁ । ବିଚାରପତି ଏମଜି ପ୍ରିୟଦର୍ଶିନୀ କହିଛନ୍ତି, ଯଦି ମହିଳାଙ୍କ ମୃତ ସ୍ୱାମୀ ବଞ୍ଚିଥାନ୍ତେ, ତେବେ ତାଙ୍କର ପୁନଃବିବାହର ପ୍ରଶ୍ନ ଉଠୁନଥାନ୍ତା । ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ମହିଳା ଯେଉଁ ମାନସିକ ଏବଂ ଆର୍ଥିକ କ୍ଷତି ସହିଥାନ୍ତି ତାହା ପୁନଃବିବାହ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପୂରଣ କରାଯାଇପାରିବ ନାହିଁ । ହାଇକୋର୍ଟ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପୁନଃବିବାହ ପରେ ମଧ୍ୟ ଜଣେ ମହିଳା ସମାଜରେ ପୂର୍ବ ପରି ସୁରକ୍ଷା ଏବଂ ସାମାଜିକ ସ୍ଥିତିରେ ସମସ୍ୟାରେ ରହିଥାନ୍ତି । ତେଣୁ ତାଙ୍କର କ୍ଷତିପୂରଣ ପାଇବାର ଅଧିକାର ବଜାୟ ରହିବ । ହାଇକୋର୍ଟ କହିଛନ୍ତି ଯେ ମୋଟର ଯାନ ଆଇନର ଧାରା ୧୬୬ ଅନୁଯାୟୀ, ମୃତ ସ୍ୱାମୀଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ କ୍ଷତିପୂରଣ ପାଇବାକୁ ସ୍ତ୍ରୀ ହକଦାର୍ । ମହିଳାଙ୍କ ପୁନଃବିବାହ ଉପରେ ଏହି ଅଧିକାର ହରାଇବାର କୌଣସି ସ୍ଥାନରେ ବ୍ୟବସ୍ଥା ନାହିଁ । ହାଇକୋର୍ଟ ସ୍ପଷ୍ଟ କରିଛନ୍ତି, ପୁନଃବିବାହ ଦାବି ପାଇଁ ପ୍ରତିବନ୍ଧକ ହୋଇପାରିବ ନାହିଁ, ଏବଂ ବିଧବାଙ୍କ ଅଧିକାର ଆଇନ ଅନୁଯାୟୀ ସୁରକ୍ଷିତ ବୋଲି ଏକ ମାମଲାର ବିଚାର ହାଇକୋର୍ଟ କହିଛନ୍ତି । ଏହି ମାମଲା ୨୦୦୦ ମସିହାରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ନାଗରାଜୁଙ୍କ ମୃତ୍ୟୁ ସହିତ ଜଡ଼ିତ। ତାଙ୍କ ପତ୍ନୀ ଏବଂ ମା' ପୃଥକ ପୃଥକ କ୍ଷତିପୂରଣ ଆବେଦନ ଦାଖଲ କରିଥିଲେ । ମୋଟର ଦୁର୍ଘଟଣା ଟ୍ରିବ୍ୟୁନାଲ୍ ମା'ଙ୍କ ପାଇଁ ୪ ଲକ୍ଷ ୨୦ ହଜାର ଟଙ୍କା ଏବଂ ସ୍ତ୍ରୀଙ୍କ ୨ ଲକ୍ଷ ଟଙ୍କା ଦାବି କରିଥିଲେ । ମୃତ ନାଗରାଜୁଙ୍କ ମା' ତାଙ୍କ ବୋହୂଙ୍କ ଦାବିକୁ ଚ୍ୟାଲେଞ୍ଜ କରି ତେଲେଙ୍ଗାନା ହାଇକୋର୍ଟରେ ଆବେଦନ କରିଥିଲେ। ସେ ଯୁକ୍ତି ଦେଇଥିଲେ ଯେ, ତାଙ୍କ ବୋହୂ ସ୍ୱାମୀ ମୃତ୍ୟୁର ୧୦ ମାସ ମଧ୍ୟରେ ପୁନଃବିବାହ କରିଥିଲେ ଏବଂ ତାଙ୍କୁ ଆଉ ଏହି ଦାବି ପାଇଁ ହକଦାର କରାଯିବା ଉଚିତ୍ ନୁହେଁ। ସ୍ତ୍ରୀ ମୃତକଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ କ୍ଷତିପୂରଣ ପାଇବାକୁ ହକଦାର୍ କହି ହାଇକୋର୍ଟ ମା'ଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

## ଓଡ଼ିଶାରେ ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ନାଁ କଟିବା ପରେ ଚିନ୍ତାରେ ଗୃହ ବିଭାଗ



ଭୁବନେଶ୍ୱର, ୨୦/୪ (ନି.ପ୍ର): ଓଡ଼ିଶାରେ ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ନାଁ କଟିବା ପରେ ଚିନ୍ତାରେ ଗୃହ ବିଭାଗ । ଏଥିରେ ଅନେକ ତ୍ରୁଟି ନେଇ ଅଭିଯୋଗ ପରେ ହୋଲ୍‌ଡରେ ରହିଲା ୨ ଲକ୍ଷ ଫର୍ମ-୭ । ତେବେ ପୁନଃଯାଞ୍ଚ ଏକ ସ୍ୱାଭାବିକ ପ୍ରକ୍ରିୟା, ରାଜ୍ୟବାସୀଙ୍କୁ ଚିନ୍ତିତ ହେବାର କାରଣ ନାହିଁ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ଅନ୍ୟ ପକ୍ଷରେ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ସମସ୍ତ ଭୋଟର୍ ପଞ୍ଜୀକରଣ ଅଧିକାରୀ-ଇଆରଓ ମାନଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ । ସେଥିରେ ଲେଖିଛନ୍ତି, ଇଲେକ୍ଟର ମ୍ୟାପିଂ ପ୍ରକ୍ରିୟାରେ ପ୍ରାୟ ୯ ଲକ୍ଷ ୮୦ ହଜାର ନାଁ କଟିଯାଇଛି। ଏଥିରେ ଅନେକ ତ୍ରୁଟି ନେଇ ଅଭିଯୋଗ ମିଳିଛି । ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାଁ କଟାଯାଇଥିବା ଏବଂ ବିଏଲ୍‌ଓ ତୃଣମୂଳ ସ୍ତରରେ ଯାଞ୍ଚ କରିନଥିବା ଅଭିଯୋଗ ଆସିଛି । ତେଣୁ ଏପ୍ରିଲ୍ ୨ ପରେ ଆସିଥିବା ପ୍ରାୟ ୨ ଲକ୍ଷ ଫର୍ମ-୭ ଆବେଦନକୁ ହୋଲ୍‌ଡରେ ରଖାଯାଇଛି। ଇଆରଓ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ମୃତ ଭୋଟରଙ୍କ ନାମ ପୂର୍ଣ୍ଣ ଯାଞ୍ଚ ପରେ ହିଁ କାଟିବେ । ଏନେଇ ପରିବାରବର୍ଗ କିମ୍ବା ନିକଟ ସମ୍ପର୍କୀୟ ଫର୍ମ-୭ ଦାଖଲ କରିବେ। ନାଁ କଟିଥିଲେ ଭୋଟରଙ୍କ ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଦେବାକୁ ହେବ। କୌଣସି ବ୍ୟକ୍ତିଙ୍କ ତଥ୍ୟ ସନ୍ଦେହଜନକ ଭାବେ ମେଳ ଖାଉଥିଲେ,

◆◆ପୃଷ୍ଠା ୭

# ଜୟପୁର ତହସିଲ କ୍ୟାମ୍ପ କୋର୍ଟରେ କ୍ଷତିପୂରଣ ଦାବି ନେଇ ଚାଷୀଙ୍କ ପ୍ରତିବାଦ

ଜୟପୁର, ୨୦/୦୪ (ନି.ପ୍ର): ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ମାଲିକଙ୍କ ଅଧିଗ୍ରହଣରେ ହୋଇଥିବା ଚାଷ ଏବଂ ଅନ୍ୟାନ୍ୟ କିସମର ଜମି ବାବଦକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା କ୍ଷତିରୂପରଣ ରାଶିକୁ ବିରୋଧ କରାଯାଇ ଜମି ମାଲିକ ମାନେ ଜୟପୁର ବ୍ଲକ ଅନ୍ତର୍ଗତ ବଡକାଉଡି ଗ୍ରାମ ଠାରେ ଆୟୋଜିତ କ୍ୟାମ୍ପ କୋର୍ଟରେ ଅସନ୍ତୋଷ ପ୍ରକଟ କରିଥିଲେ । ଏହିପରି ଜମି ମାଲିକମାନେ ଏକ ସ୍ମାରକପତ୍ର ତହସିଲ କ୍ୟାମ୍ପ କୋର୍ଟରେ ଉପସ୍ଥିତ ରହିଥିବା ଅତିରିକ୍ତ ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ଏହିପରି ଦୁଇଟି ଫସଲ ଅମଳ ହେଉଥିବା ଚାଷ ଜମିକୁ ଏକର ପିଛା କ୍ଷତିପୂରଣ ରାଶି ମାତ୍ର ଅଢେଇଲକ୍ଷ ଟଙ୍କା ବହୁତ ମାତ୍ରାରେ କମିଯାଇଛି । ତେଣୁ ଉକ୍ତ ଜମି ଗୁଡିକ ବର୍ତ୍ତମାନ ବଜାର ଦର ଭାବେ ୫୦ ଲକ୍ଷ ଟଙ୍କା ବିକ୍ରି ହେଉଛି । କ୍ୟାମ୍ପ କୋର୍ଟରେ ଉପସ୍ଥିତ ରହିଥିବା ଅତିରିକ୍ତ ତହସିଲଦା ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଜମି ମାଲିକ ମାନେ କ୍ଷତିପୂରଣ ରାଶିକୁ ନେଇ ଅସନ୍ତୋଷ ପ୍ରକୋଟ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ । ଏହିପରି ସମୁଦାୟ ୧୬ ଜଣଙ୍କ ଏକ ପ୍ରକଳ୍ପରେ ଯାଉଥିବା ଜମିର ସମସ୍ତ କ୍ଷତିପୂରଣ ଜମିର ପରିମାଣ, କାଗଜପତ୍ର, ପରିବାର ଦାବିଦାର ପ୍ରଭୃତି ଯାଂଚ୍ କରାଯାଇଛି ।

ଅନ୍ୟପକ୍ଷରେ କ୍ୟାମ୍ପ କୋର୍ଟରେ ଅନେକ ଜମି ହରାଇବାକୁ ଥିବା ଜମି ମାଲିକ ମାନେ ପ୍ରତିବାଦ କରିବା ସହିତ ସରକାର, ରେଳ ବିଭାଗ ଓ ପ୍ରଶାସନ ବିରୋଧରେ ନାରାବାଜି କରିବା ସହିତ ରେଳ ଧାରଣା ପ୍ରକଳ୍ପକୁ ସ୍ୱାଗତ କରୁଥିଲେ ସୁଦ୍ଧା ଜମି ହରାଇବାକୁ ଥିବା ଜମି ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ରାଜରାସ୍ତାରେ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ଜମି ମାଲିକ ଅକ୍ଷୟ ମିଶ୍ର, ରାମନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଜମିହରା ମାନେ ଉପସ୍ଥିତ ରହିଥିଲେ ।

# ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚମ୍ପୁଆର ସଫଳତା

କେନ୍ଦୁଝର, ୨୦/୦୪ (ନି.ପ୍ର): ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସି.ବି.ଏସ.ଇ. ବୋର୍ଡ ଦଶମ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି । ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ୧୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୯୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ସର୍ବୋଚ୍ଚ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧିକରିଛନ୍ତି । ତେବେ ୯୦ ପ୍ରତିଶତରୁ ଅଧିକ ୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲାବେଳେ ୮୦ ରୁ ୯୦ ପ୍ରତିଶତ ମଧ୍ୟରେ ୨୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ୭୦ ରୁ ୮୦ ପ୍ରତିଶତ ମଧ୍ୟରେ ୨୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତାରେ ବିଦ୍ୟାଳୟର ସଭାପତି ତଥା ନିର୍ଦ୍ଦେଶକ କେଶବ ଚନ୍ଦ୍ର ମହାନ୍ତ, ଅଧ୍ୟକ୍ଷ ରସକିନ୍ନେ ସାମେଟିଲ୍ , ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଲିଭର ୱେଲନେସ ସମିଟ-୨୦୨୬ରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଭୁବନେଶ୍ୱର ଠାରେ ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନ ତରଫରୁ ଆୟୋଜିତ ଲିଭର ୱେଲନେସ ସମିଟ -୨୦୨୬' ରେ ଯୋଗଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ସମ୍ମିଳନୀରେ ଯକୃତର ଯତ୍ନ ସହ ଏହା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରାଯାଇଛି । ଏକ ସୁସ୍ଥ ସମାଜ ଗଠନରେ ଏଭଳି ଏକ ଆଲୋଚନାର ବହୁତ ଆବଶ୍ୟକତା ରହିଛି, ତେଣୁ ଆୟୋଜକ ବନ୍ଧୁଙ୍କୁ ଅଶେଷ ସାଧୁବାଦ ଜଣାଇଥିଲେ ମନ୍ତ୍ରୀ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଯକୃତ ଆମ ଶରୀରର ଏକ ପ୍ରମୁଖ ଅଙ୍ଗ ଅଟେ ଏବଂ ଏହାର ସୁସ୍ଥ ରହିବା ମଧ ବହୁତ ଗୁରୁତ୍ୱପୂର୍ଣ୍ଣ । ମାତ୍ର ବଦଳୁଥିବା ସମୟ, ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ପରିବର୍ତ୍ତନ କାରଣରୁ ଫ୍ୟାଟି ଲିଭର ଭଳି ଯକୃତ ଜନିତ ସମସ୍ୟା ବହୁ ମାତ୍ରାରେ ବୃଦ୍ଧି ପାଉଛି, ଯାହାକି ସୁସ୍ଥ ଭାରତ ଗଠନର ସବୁଠୁ ବଡ ବାଧକ । ସୁଷମ ଖାଦ୍ୟ ଗ୍ରହଣ କରିବା ପାଇଁ ସମସ୍ତେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏଥିସହ ସବୁଦିନ ଯୋଗ ପ୍ରାଣାୟାମ, କମ ତୈଳ ଯୁକ୍ତ ଖାଦ୍ୟ, ଚିନିର କମ ବ୍ୟବହାରକୁ ମଧ ଧ୍ୟାନ ଦେବାକୁ ହେବ । ବିଶ୍ୱ ଯକୃତ ଦିବସରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସଲିଡ ହାବିଟ୍ସ, ଷ୍ଟ୍ରଙ୍ଗ ଲିଭର, ଅର୍ଥାତ ଏକ ସୁସ୍ଥ ଯକୃତ ପାଇଁ ଆମକୁ ପ୍ରଥମରେ ନିଜର ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ହେବ ଏବଂ ଏହା ମାଧ୍ୟମରେ ସୁସ୍ଥ ଭାରତ ଗଠନ ହେବ ।

# ଆସନ୍ତା ଏପ୍ରିଲ ୨୩ରେ ଭାରତ ବନ୍ଦ

ବଲାଙ୍ଗୀର, ୨୦/୦୪ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ କାର୍ଯ୍ୟାଳୟ ଠାରେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ସି ଏସ୍‌ଟି ସମନ୍ୱୟ ସମିତି ଓଡିଶା ସଭାପତି ସରୋଜ କୁମାର ମେଶ୍ୱାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଏପ୍ରିଲ ୨୩ ତାରିଖରେ ଭାରତ ବନ୍ଦ ଡାକରାକୁ ସମଗ୍ର ବଲାଙ୍ଗୀର ଜିଲ୍ଲାବାସୀ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ରଖାଯାଇଛି । ମଂଚାସିନ ରାଜ୍ୟ ଓବିସି ମଂଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଲ ଭାରତ ବନ୍ଦ ର ଉଦ୍ଦେଶ୍ୟରେ ପ୍ରେସ ବିବୃତି ରଖି କହିଥିଲେ ଯେ ବର୍ତ୍ତମାନର ଜନଗଣନା ୨୦୨୬ ର ୩୩ଟି ପ୍ରଶ୍ନର ୧୨ ନମ୍ବର ପ୍ରଶ୍ନରେ ଗୃହକର୍ତ୍ତାଙ୍କ ଜାତି ଉଲ୍ଲେଖ ଅଛି । ଯାହା ଏସ୍‌ଟି ଏସ୍‌ସି ଏବଂ ଅନ୍ୟାନ୍ୟ ବୋଲି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି । ଯେଉଁଠି ଓବିସି ବର୍ଗର ତଥ୍ୟ ସରକାର ନେବା କଥା ନେଉ ନାହାନ୍ତି ଫଳରେ ଓବିସି ଜାତି ଗଣନା ବାଟବଣା ହୋଇସାରିଛି । ଗତ ୨୦୨୫ ଏପ୍ରିଲ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ଓବିସି ଜାତି ଗଣନା କରିବାକୁ ପ୍ରତିଶୃତି ଦେଇଥିଲେ ତାହା ମିଥ୍ୟା ପ୍ରମାଣିତ ହୋଇସାରିଛି । ଏଣୁ ୧୨ ନମ୍ବର ପ୍ରଶ୍ନରେ ଓବିସି ଲେଖିବା ପାଇଁ ସରକାରକୁ ନିବେଦନ କରିଛନ୍ତି ଏବଂ ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ଅବସରରେ ଶ୍ରୀ ବିଶ୍ୱାଲ କହିଲେ ଯେ ୪ଟି ପର୍ଯ୍ୟାୟରେ ଆମେ ସରକାରକୁ ଏ ବିଷୟ ରେ ଅବଗତ କରିଛୁଁ ଏବଂ ଅନ୍ତିମ ପର୍ଯ୍ୟାୟରେ ଭାରତ ବନ୍ଦ ଡାକରା ଦେଇ ଚାପ ପକାଇବା ପାଇଁ ନିଷ୍ପତି ନେଇଛୁଁ । ଓବିସି ଏସ୍‌ଟି ଏସ୍‌ସିଙ୍କ ସପକ୍ଷରେ କଠୋର ଆଇନ ୨୦୨୬ ଲାଗୁ କରିବା ଅନିବାର୍ଯ୍ୟ ବୋଲି ଆଇନଜିବୀ ଦିନେଶ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ । ଓଡିଶାରେ ଓବିସି ଏସ୍‌ଟି ଏସ୍‌ସି ୯୦ ପ୍ରତିଶତ ମାତ୍ର ନିଯୁକ୍ତି ୩୦.୧୯ ପ୍ରତିଶତ ବୋଲି ଆଇନଜିବୀ ସନ୍ତନୁ ଭୋଇ କ୍ଷୋଭ ପ୍ରକାଶ କରିଥିଲେ । ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ସହ କରାଯିବ । ସମସ୍ତ ଜରୁରୀ କାଳିନ ସେବା, ପରିକ୍ଷାର୍ଥୀଙ୍କ ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶିଳ ପ୍ରସଙ୍ଗକୁ ବାଦ ଦେଇ ଚକ ଅଖ ଦୋକାନ ବଜାର ଠବ୍ କରି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବାକୁ ସମସ୍ତଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ବଲାଙ୍ଗିର ସହରରେ ଆଗାମୀ ୨୨ ତାରିଖ ଦିନ ଘୋଷଣା କରାଯିବ ବୋଲି ସଂଗଠନର ସଭାପତି ସରୋଜ କୁମାର ମେଶ୍ୱା ଏହି ପ୍ରେସ ବିବୃତିରେ ସୂଚନା ପ୍ରଦାନ କରିଛନ୍ତି । ଏଥିରେ ଅନ୍ୟାନ୍ୟ ୮ଟି ବିଷୟ ଉଲ୍ଲେଖ ଅଛି ଏବଂ ଏସ୍‌ଟିଙ୍କୁ ମୂଳ ଅଧିବାସୀ ଭାବରେ ଗ୍ରହଣ କରିବା ସହ ଓଡିଶାରେ ଆଦିବାସୀମାନଙ୍କୁ ଅତ୍ୟାଚାର ଏବଂ ଜଙ୍ଗଲ ଜମି ରୁ ଉଚ୍ଛେଦ କରାଯାଉଥିବାରୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସତ୍ୟ ନାରାୟଣ ଭୋଇ ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ସହଯୋଗ ଭିକ୍ଷା କରିଛନ୍ତି । ଜିଲ୍ଲା କୁଲୁତା ସମାଜ ସଭାପତି ଇଂ ବେଲାର ସିଂ ଭୋଇ, ଚାଷୀ ନେତା ମଧୁସୁଦନ କ୍ଷେତି ଏବଂ ଆନନ୍ଦ ପଧାନ ଓବିସି ମଂଚ ବଲାଙ୍ଗିର, ଦଳିତ ନେତା ପ୍ରକାଶ ହରିପାଲ, ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ନବସେତୁ ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଏପ୍ରିଲ ୨୩ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ ।

# ଅସହାୟଙ୍କ ଶବସତ୍କାର କଲା ଭରସା ପରିବାର ଟ୍ରଷ୍ଟ

କେନ୍ଦୁଝର, ୨୦/୦୪ (ନି.ପ୍ର): କେନ୍ଦୁଝର ମ୍ୟୁନିସିପାଲିଟି ଅନ୍ତର୍ଗତ ୬ ନମ୍ବର ୱାର୍ଡର ଅସହାୟ ମହିଳା/ ଡାଳିମ୍ବ ନାୟକଙ୍କ ସ୍ୱାଭାବିକ ମୃତ୍ୟୁ ନିଜ ଘରେ ଘଟିଥିଲା । କିଛି ବର୍ଷ ପୂର୍ବେ ତାଙ୍କ ଏକମାତ୍ର ପୁତ୍ର ମଧ ମୃତ୍ୟୁବରଣ କରିଥିଲେ । ସ୍ୱାମୀ ତ୍ରିଲୋଚନ ନାୟକ ଶବସତ୍କାର ପାଇଁ ଏକା ପଡିଯିବାରୁ ଭରସା ପରିବାର ଟ୍ରଷ୍ଟକୁ ସହଯୋଗ ପାଇଁ ଅନୁରୋଧ କରିଥିଲେ । ଅନୁରୋଧ ରକ୍ଷା କରି ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶବକୁ ତାଙ୍କ ଘରୁ କୋକେଇ ଯୋଗେ ଧାଙ୍ଗରପଡାସ୍ଥିତ ଆଦର୍ଶ ଶ୍ମଶାନକୁ ନିଆଯାଇଥିଲା । ସଂଗଠନ ପକ୍ଷରୁ ରକ୍ତଦାତା ସଂଯୋଜକ ସେକ ତହିଦ, ଉପଦେଷ୍ଟା ଦୁର୍ଯ୍ୟୋଧନ ସାହୁ, ଶ୍ମସାନରକ୍ଷକ ସିଦ୍ଧେଶ୍ୱର ନାଏକ, ରିଙ୍କୁ ମହାନ୍ତ, ଗୌତମ ଦାସ, କରଣ ରାୟ, ପ୍ରକାଶ ପାତ୍ର, ରାହୁଲ ବିଶ୍ୱାଳ ଓ ଟୁକୁ ନାଏକ ପ୍ରମୁଖ ଉପସ୍ଥିତ ରହି ବିଧି ମୁତାବକ ଶବସତ୍କାର କରିଥିଲେ । ଶବକୁ ଶ୍ମସାନକୁ ନେବା ପାଇଁ ମହାପ୍ରୟାଣ ଯାନ ପାଇଁ ବିଭିନ୍ନ ଅନୁଷ୍ଠାନକୁ ଅନୁରୋଧ କରି ବିଫଳ ହେବାପରେ କୋକେଇ ମାଧ୍ୟମରେ ଏକରୁ ଦେଢ଼ କି.ମି. ରାସ୍ତା କାନ୍ଧ ଦେଇ ନେଇଥିଲେ ସଂଗଠନର କର୍ମକର୍ତ୍ତା । ଏପର୍ଯ୍ୟନ୍ତ ୧୬୮ ଶବସତ୍କାର କରି ସମାଜ ପାଇଁ ଉଦାହରଣ ସାଜିଛି ଭରସା ପରିବାର ଟ୍ରଷ୍ଟ । ଅଲୋଡ଼ା ଶବସତ୍କାର କରି ଆତ୍ମସନ୍ତୋଷ ମିଳେ ବୋଲି ସଂଗଠନର କର୍ମକର୍ତ୍ତା ମତପ୍ରକାଶ କରିଛନ୍ତି । ସଂଗଠନର ନିଃସ୍ୱାର୍ଥପର ସେବାକାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି ।

# ଆଇଆଇଟି ଭୁବନେଶ୍ୱରରେ ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଆୟୋଜିତ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୧୮ ଏପ୍ରିଲ ୨୦୨୬ରେ ଏହାର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଆୟୋଜନ କରିଛି । ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପ୍ରଫେସର ଭି. ଏସ. ରାମମୂର୍ତ୍ତି; ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପୂର୍ବତନ ସଚିବ ଏବଂ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାବର୍ତ୍ତନ ଭାଷଣ ଦେଇଥିଲେ । ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ।

ଏହି ସମାବର୍ତ୍ତନ ଅବସରରେ, ପ୍ରତିଷ୍ଠାନ ୮୦୨ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲା, ଯେଉଁମାନଙ୍କ ମଧ୍ୟରୁ ୯୬ (୧୨%) ପିଏଚଡି, ୧୭୭ (୨୨%) ଏମ୍.ଟେକ୍, ୯୬ (୧୨%) ଏମ୍.ଏସସି, ୧୦୨ (୧୩%) ଡୁଆଲ୍ ଡିଗ୍ରୀ (ବି.ଟେକ୍ ଏବଂ ଏମ୍.ଟେକ୍), ଏବଂ ୩୨୫ (୪୧%) ବି.ଟେକ୍ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ । ଏହା ସ୍ନାତକ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା, ଅଧ୍ୟାପକ ଏବଂ କର୍ମଚାରୀ ସଦସ୍ୟ ଏବଂ ପ୍ରତିଷ୍ଠାନର ପ୍ରଶାସନ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା ।

ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ ଯେ ଉତ୍କର୍ଷତା ଏକାନ୍ତ ନୁହେଁ ବରଂ ଏକ ପ୍ରତିବଦ୍ଧତା - 'ତୁମେ ଯାହା କର, ତାହା ଭଲ ଭାବରେ କର' - ସେମାନଙ୍କୁ ନେତୃତ୍ୱ ନେବାକୁ ଏବଂ ସେମାନଙ୍କ ବାଛିଥିବା ପଥରେ ଏକ ଛାପ ସୃଷ୍ଟି କରିବାକୁ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ । ହିଗ୍ସ ବୋସନର ଐତିହାସିକ ଆବିଷ୍କାରକୁ ନେଇ ସେ ଆଲୋକପାତ କରିଥିଲେ ଯେ କିପରି ପରିବର୍ତ୍ତନକାରୀ ସଫଳତା ଦୀର୍ଘକାଳୀନ ଦୃଷ୍ଟିକୋଣ, ଦୃଢ଼ତା ଏବଂ ବିଚ୍ଛିନ୍ନ ପ୍ରୟାସ ବଦଳରେ ବୃହତ ପରିମାଣର ବିଶ୍ୱ ସହଯୋଗ ଉପରେ ନିର୍ମିତ । ସେ ଅନ୍ତର୍ଜାତୀୟ ବୈଜ୍ଞାନିକ ମିଶନରେ ସମାନ ଅଂଶୀଦାର ଭାବରେ ଭାରତର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଆଜି ଦେଶର ଅବଦାନ ଗୁଣବତ୍ତା ଏବଂ ପ୍ରଭାବ ଉଭୟ କ୍ଷେତ୍ରରେ ପ୍ରତିଯୋଗିତାମୂଳକ । ମାନସିକତାରେ ପରିବର୍ତ୍ତନ ପାଇଁ ଆହ୍ୱାନ କରି, ସେ ଆଇଆଇଟି ଭଳି ପ୍ରତିଷ୍ଠାନଗୁଡ଼ିକୁ ସୀମା ବାହାରକୁ ଯିବା, ବିଶ୍ୱସ୍ତରୀୟ ସହଯୋଗକୁ ଗ୍ରହଣ କରିବା ଏବଂ ଗବେଷଣା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ 'ପ୍ରତିଦ୍ୱନ୍ଦ୍ୱିତା ସମୟରେ ସହଯୋଗ'କୁ ପରିଭାଷିତ ମନ୍ତ୍ର ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମାଲକର ପ୍ରତିଷ୍ଠାନର ବିଭିନ୍ନ ପ୍ରୟାସ ଏବଂ ସଫଳତା ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ । ସେ କହିଥିଲେ, 'ଆଇଆଇଟି ଭୁବନେଶ୍ୱରର ୧୪ତମ ସମାବର୍ତ୍ତନ ଉତ୍ସବ ଗର୍ବ ଏବଂ ପରିପୂର୍ଣ୍ଣତାର ଏକ ମୁହୂର୍ତ୍ତ, କାରଣ ଆମର ଛାତ୍ରଛାତ୍ରୀମାନେ ସ୍ନାତକ ହାସଲ କରିଛନ୍ତି, ଦକ୍ଷତା ଏବଂ ଚରିତ୍ର ଉଭୟର ଆବଶ୍ୟକତା ଥିବା ଏକ ବିଶ୍ୱରେ ପାଦ ଦେବାକୁ ପ୍ରସ୍ତୁତ । ଜ୍ଞାନ ହାସଲ କରିବା ଏବଂ ସମାଲୋଚନାମୂଳକ ଏବଂ ନବସୃଜନଶୀଳ ଭାବରେ ଚିନ୍ତା କରିବା ଶିଖିବା ପରେ, ଆମେ ନିଶ୍ଚିତ ଯେ ସେମାନେ ସେମାନଙ୍କର ସ୍ୱପ୍ନକୁ ବାସ୍ତବ-ବିଶ୍ୱ ପ୍ରଭାବରେ ପରିଣତ କରିବେ । ପ୍ରତିଷ୍ଠାନ ଏହାର ଗବେଷଣା ପଦଚିହ୍ନ, ନବସୃଜନ ପାଇପଲାଇନ, ଶିଳ୍ପ-ଶିକ୍ଷା ସହଯୋଗ ଏବଂ ଏକ ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରମୁଖ ଭିତ୍ତିଭୂମି ଏବଂ ସ୍ଥାୟୀତ୍ୱ ପଦକ୍ଷେପ ସହିତ ସୁଦୃଢ଼ କରିଚାଲିଛି । ଆଗକୁ ଚାହିଁ, ଆମେ ଆନ୍ତଃବିଭାଗୀୟ ଗବେଷଣା, ବିଶ୍ୱସ୍ତରୀୟ ସହଭାଗୀତା ଏବଂ ସ୍ନାତକମାନଙ୍କୁ ଏକ ଦ୍ରୁତ ରୂପାନ୍ତରିତ ପ୍ରଯୁକ୍ତିବିଦ୍ୟା ପରିଦୃଶ୍ୟରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ, ଯାହା ସମାଜକୁ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବ ।'

ପ୍ରଫେସର କରମଲକର ତାଙ୍କ ଅନୁପସ୍ଥିତିରେ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ବାର୍ତ୍ତା ପାଠ କରିଥିଲେ । ସମାବର୍ତ୍ତନ ସମୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ନିମ୍ନଲିଖିତ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଶିବସେନା କ୍ଲବ ପକ୍ଷରୁ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଂଟ

କେନ୍ଦ୍ରାପଡ଼ା, ୨୦/୦୪ (ନି.ପ୍ର): କେନ୍ଦ୍ରାପଡ଼ା ସହର ସର୍ବପୁରାତନ କ୍ଲବ ସୁପରିଚିତ ଶ୍ରୀ ଶ୍ରୀ ଶିବସେନା କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୧୬ ଗୋଟି କ୍ରିକେଟ ଟିମ୍ ମଧ୍ୟରେ ଏକ ରାତ୍ର କାଳିନ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି ଓ ଟିମ୍‌ଗୁଡିକ ପରସ୍ପର ମଧ୍ୟରେ ଆଠଟି ଲିଗ ମ୍ୟାଚ ଖେଳିଥିଲେ, ଫାଇନାଲ ମ୍ୟାଚକୁ ଜଗସିଂହପୁର ନୂଆ ପୋଖରୀ ଏକାଦଶ ଏବଂ କେନ୍ଦ୍ରାପଡ଼ା ବାଲାବାବା ଏକାଦଶ ଉତୀର୍ଣ୍ଣ ହୋଇଥିଲେ ଓ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିବା ବେଳେ ବାଜିମାରିନେଇଥିଲା ଜଗସିଂହପୁର ନୂଆ ପୋଖରୀ ଏକାଦଶ ଓ ଶିବସେନା କ୍ଲବ ପକ୍ଷରୁ ନଗଦ ୨୦,୦୦୦ ଟଙ୍କା ବିଜେତା ଟିମ୍‌କୁ ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ବାଲାବାବା ଏକାଦଶକୁ ୧୫,୦୦୦ ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା ଓ ଟୁର୍ଣ୍ଣାମେଂଟରେ ଭଲ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ବାବୁଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ସଂମ୍ମାନରେ ସଂମ୍ମାନିତ କରାଯାଇଥିଲା ଓ ଏହି ଟୁର୍ଣ୍ଣାମେଂଟରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ପଟ୍ଟାମୁଣ୍ଡାଇରୁ ଆସିଥିବା ଡ୍ୟାନସିଂହ ଅମ୍ପେୟାର ତାଙ୍କର ବ୍ୟଙ୍ଗାତ୍ମକ ନୃତ୍ୟ ଏବଂ ବ୍ୟଙ୍ଗାତ୍ମକ ଇଙ୍ଗିତ ଯାହା ଖେଳରେ ରୋମାଂଚ ବଢାଇବା ସହ ଖେଳ ଦେଖୁଥିବା ଦର୍ଶକମାନଙ୍କୁ ପଡିଆରେ ବାନ୍ଧି ରଖିଥିଲା ଓ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବ ନେତା ରାଜେଶ ଦାସ, କାଉନ୍‌ସିଲର ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ କ୍ରିକେଟ ଏକ ଏହିପରି ଖେଳ ଯାହା ପରସ୍ପର ମଧ୍ୟରେ ଥିବା ଦୂରତାକୁ କମ କରିବା ସହ ପରସ୍ପର ପ୍ରତି ସଂମ୍ମାନ ବଢ଼ାଇ ଥାଏ ଓ ଏହି ଟୁର୍ଣ୍ଣାମେଂଟ ଆୟୋଜକ ଶିବସେନା କ୍ଲବ ସଭାପତି ଭୁବନ ମୋହନ ଦାସ, ସମ୍ପାଦକ ପ୍ରତାପ କୁମାର ମହାନ୍ତି, ନିରାକାର ଲେଙ୍କା, ପ୍ରମୁଖ ଖେଳକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ ।

# ସାଇଁକୁଳ ବରମୂଳ ସାହିରେ ଅଷ୍ଟପ୍ରହରୀ ନାମ ଯଜ୍ଞ

କେନ୍ଦୁଝର, ୨୦/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳ ଗ୍ରାମରେ ପଂଚାୟତ ଜଗନ୍ନାଥପୁର ଗ୍ରାମର ବରମୂଳ ସାହିରେ ଚତୁର୍ଥ ତମ ବାର୍ଷିକ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅଷ୍ଟପ୍ରହରୀ ନାମ ଯଜ୍ଞ ରେ ପ୍ରାୟ ୨୫ଟି ସଂକୀର୍ତନ ମେଳ ଉପସ୍ଥିତ ରହି ନାମଯଜ୍ଞରେ ଭାଗ ନେଇଥିଲେ । ସଂକୀର୍ତନ ମେଳକୁ ଅଷ୍ଟ ପ୍ରହରୀ କମିଟି ପକ୍ଷରୁ ସ୍ୱାଗତ କରିବା ସହ ସେମାନଙ୍କର ସମସ୍ତ ବ୍ୟବସ୍ଥା କରିଥିଲେ ।

ବ୍ରତଧାରୀ ମାନେ ଗ୍ରାମ ସ୍ଥିତ ସାଇଁକୁଳ ପୁଷ୍କରିଣୀ ରୁ କଳସ ରେ ଜଳ ସଂଗ୍ରହ କରି ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ । ପରେ ବାବା କୃଷ୍ଣ ଦାସ(କୁନି ବାବା)ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାମ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା ।

# ମଙ୍ଗଳପୁର ଜଙ୍ଗଲରେ ଭୂତଳ ବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ: ବିନା ସୂଚନା ଫଳକରେ କାର୍ଯ୍ୟ ଶେଷ, ତଦନ୍ତ ଦାବି

ଚମ୍ପୁଆ, ୨୦/୦୪ (ନି.ପ୍ର): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନାଂଚଳର ଉଖୁଣ୍ଡା ସେକ୍ସନରେ ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି । ମଙ୍ଗଳପୁର (ବର୍ଦ୍ଧନା ସଂରକ୍ଷିତ ଜଙ୍ଗଲ) ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମଞ୍ଜୁର ହୋଇଥିବା 'ଭୂତଳ ବନ୍ଧ' ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗ ପକ୍ଷରୁ ୪,୯୪,୭୬୩ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ସରକାରୀ ନିୟମ ଅନୁଯାୟୀ ସାଧରଣ ଲୋକ ଯେପରି ସୁବିଧାରେ ସମସ୍ତ ସୂଚନା ପାଇପାରିବେ ସେଥିପାଇଁ ଯେକୌଣସି ପ୍ରକଳ୍ପ ସ୍ଥଳରେ ଏକ 'ସୂଚନା ଫଳକ' ରହିବା ବାଧ୍ୟତାମୂଳକ ଥିବା ବେଳେ ଏଠାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଗଲାଣି କିନ୍ତୁ ଏଠାରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ, କେବଳ ଫଟୋ ଉଠାଇବା ପାଇଁ ଏକ ଫଳକ ତିଆରି କରାଯାଇଛି । ଫୋଟ ଉଠାଇ ସାରିବା ପରେ ତାକୁ ଅନ୍ୟତ୍ର ଫୋପାଡ଼ି ଦିଆଯାଇଛି । ଯାହା କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଭୂତଳ ବନ୍ଧ ନିର୍ମାଣ କାର୍ଯ୍ୟ ବୈଷୟିକ ମାର୍ଗଦର୍ଶିକା ଅନୁସାରେ କରାଯାଉ ନାହିଁ । ନଦୀ ବା ନାଳ ଶଯ୍ୟାରେ ବାଲି ତଳେ ପ୍ରବାହିତ ହେଉଥିବା ଜଳକୁ ଅଟକାଇ ଭୂତଳ ଜଳସ୍ତର ବୃଦ୍ଧି କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବା ଏହି ଭୂତଳ ବନ୍ଧକୁ ଏଠାରେ ଏକ ସମତଳ ମୋରହମ ମାଟି ଥିବା ସ୍ଥାନରେ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ତା ସହିତ ବନ୍ଧ କାନ୍ଥର ଗଭୀରତା ନିୟମାନୁସାରେ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିବା ବେଳେ କଂକ୍ରିଟ କାମ ମଧ ଅତି ନିମ୍ନମାନର କରାଯାଇଥିବା କୁହାଯାଉଛି । କାନ୍ଥ ନିର୍ମାଣ ପରେ ଉଭୟ ପାର୍ଶ୍ୱରେ ଭଲ ଭାବେ ବାଲି ବା ମାଟି ଦେଇ ପୋତା ଯିବା କଥା କିନ୍ତୁ ଏଠାରେ ତାହା ମଧ ଭଲଭାବେ କରାଯାଇ ନ ଥିବା ଦେଖିବାକୁ ମିଳିଛି । କାର୍ଯ୍ୟ ସମୟରେ କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିୟମକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା କୁହାଯାଉଛି । କେନ୍ଦୁଝର ବନଖଣ୍ଡର ଚମ୍ପୁଆ ବନାଂଚଳ ଏହି କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ବେଳେ, କେଉଁ ଆଧାରରେ ବିନା ସୂଚନା ଫଳକରେ କାମ ଚାଲିଛି ଏବଂ ଅନୁଦାନ ଅର୍ଥର ହେରଫେର କରାଯାଉଛି, ଜଙ୍ଗଲ ସୁରକ୍ଷା ଓ ଜଳ ସଂରକ୍ଷଣ ନାଁରେ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା କିଭଳି ଭାବେ ବାଟମାରଣା ହେଉଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କର୍ତ୍ତୃପକ୍ଷ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସରକାରୀ ଅର୍ଥର ସଠିକ୍ ବିନିଯୋଗ ସହ ଜଙ୍ଗଲର ପ୍ରକୃତ ବିକାଶ ପାଇଁ ସ୍ୱଚ୍ଛତା ଫେରାଇ ଆଣିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀମାନେ ଦାବି କରିଛନ୍ତି ।

# ମନୋରମା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୦/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ସ୍ଥିତ ଜିଲ୍ଲାର ଅନ୍ୟତମ ଘରୋଇ ଶିକ୍ଷାନୁଷ୍ଠାନ ମନୋରମା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଉପସ୍ଥିତ ଛାତ୍ର, ଅଭିଭାବକ ଓ ଅଭିଭାବିକାମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଉପଯୁକ୍ତ ବିକାଶ ପାଇଁ ସେମାନଙ୍କୁ ଅଧିକ ପଠନଶୀଳ ଓ ମନୋନଶୀଳ ହେବାକୁ ଉତ୍ସାହିତ କରିବା ଦିଗରେ ଉଦ୍ୟମ ହେବା ଆବଶ୍ୟକ । ଶୃଙ୍ଖଳା, ଚରିତ୍ର ଗଠନ ଓ ଅଧ୍ୟୟନଶୀଳ ହେବା ପାଇଁ ନମ୍ର ହେବା ସହ ଗୁରୁଜନ ଓ ପିତା ମାତାଙ୍କ ପ୍ରତି ଭକ୍ତିଭାବ ପୋଷଣ କରିବା ସେମାନଙ୍କୁ ଶିକ୍ଷା ଦେବା ଦରକାର ବୋଲି ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଚିନ୍ମୟୀ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲର ପୂର୍ବତନ ଅଧ୍ୟକ୍ଷ ତଥା ସମାଜସେବୀ କାଙ୍ଗାଳୀ ଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଆଳି କଲେଜର ଓଡିଆ ଅଧ୍ୟାପକ ମାନସ ରଂଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଦିଲିପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇ ଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବାର୍ଷିକ ଉତ୍ସବ ପରିଚାଳନା ରେ ସହାୟତା କରିଥିବା ବେଳେ ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ଜେନା ମଂଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କର୍ଣ୍ଣବଧ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସର ରେ ଅଭିଭାବିକାମାନଙ୍କ ମଧ୍ୟରେ ହୁଳହୁଳି ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରା ଯାଇଥିଲା । ବାର୍ଷିକକ୍ରୀଡା ପ୍ରତିଯୋଗିତା ରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା ।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

ଚମ୍ପୁଆ, ୨୦/୦୪ (ନି.ପ୍ର): ପରିବାରର ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଘରୁ ଗୋଡ କାଢ଼ିଥିଲେ । ହେଲେ ଅଧା ବାଟରୁ ନିଖୋଜ ହେଲେ । ନିଖୋଜ ଯୁବକ ଜଣକ ହେଉଛନ୍ତି ଚମ୍ପୁଆ ଏନଏସି ଅନ୍ତର୍ଗତ ୱାର୍ଡ ନଂ ଛଅ ଏଲଆଇସି କଲୋନୀରବାଦଲ ନାଏକଙ୍କ ପୁଅ ନିଖିଳ ନାଏକ(୩୦) । ନିଖିଳ ଗତ ୧୩ ତାରିଖ ସୋମବାର ଦିନ ଛଅ ଜଣଙ୍କ ସହିତ ଦାଦନ ଖଟିବାକୁ ବାଙ୍ଗାଲୋର ଯିବା ପାଇଁ ଘରୁ ଗୋଡ କାଢିଥିଲେ । ଚମ୍ପୁଆରୁ ଭୁବନେଶ୍ୱର ଯାଇ ସେଠାରୁ ବାଙ୍ଗାଲୋର ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ନଂ (୧୮୪୬୩) ରେ ସାଧାରଣ ବର୍ଗରେ ଚଢିଥିଲେ । ତେବେ ସେବେଠାରୁ ତାଙ୍କର ମୋବାଇଲ ସ୍ୱିଚ ଅଫ ଦେଖାଇବା ସହ ତାଙ୍କର ପତା ମିଳୁନାହିଁ । ତାଙ୍କ ସାଙ୍ଗରେ ଯାଇଥିବା ଛଅ ଜଣ ମଧ ତାଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି । ସେମାନଙ୍କ କହିବା ଅନୁସାରେ ନିଖିଳ ଟ୍ରେନରୁ କୁଆଡେ ହଜିଯାଇଛନ୍ତି । ତେବେ ତାଙ୍କର ନିଖୋଜକୁ ଆଠ ଦିନ ବିତିଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳିପାରୁ ନାହିଁ । ନିଖିଳ ଘରର ଏକମାତ୍ର ରୋଜଗାରିଆ ପୁଅ ତଥା ସଦସ୍ୟ ହୋଇଥିବାରୁ ତାଙ୍କ ନିଖୋଜରେ ତାଙ୍କର ବିଧବା ମାଆଙ୍କ ସମେତ ପତ୍ନୀ ଓ ଦୁଇ ସନ୍ତାନ ଭାଙ୍ଗି ପଡ଼ିଛନ୍ତି ।

# କରଞ୍ଜିଆରେ ଅଖଣ୍ଡ ଚବିଶ ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ

କେନ୍ଦୁଝର, ୨୦/୦୪ (ନି.ପ୍ର): ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଖଣ୍ଡ ହରିନାମ ମହାମନ୍ତ୍ର ଚବିଶ ପ୍ରହର ନାମଯଜ୍ଞ ଚାରିଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ଗ୍ରାମର ଭକ୍ତ ଶ୍ରଦ୍ଧାଳୁ ମାନେ ନିକଟସ୍ଥ ପୋଖରୀ ଘାଟ ରୁ ଶୁଦ୍ଧ ଜଳ କଳସ ଆଣି ଘଟ ସ୍ଥାପନ କରିବା ପରେ ଅଧିବାସ, ନାମଯଜ୍ଞ ଆରମ୍ଭ କରାଯାଇଥିଲା । ପୂଜକ ଦିବ୍ୟଲୋଚନ ଶତପଥି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ସଂକଳ୍ପରେ ସଦାନନ୍ଦ ବଘେଲ, ସନ୍ତୋଷ କୁମାର ପାଲ ବସିଥିଲେ । ପ୍ରଥମେ ତୋଲକନଣ୍ଡା ଗ୍ରାମର ସଂକୀର୍ତନ ମଣ୍ଡଳୀ ଦ୍ୱାରା ନାମ ନେଇଥିଲେ ।

# ଆଲୁମିନିୟମ ଫଏଲ ବ୍ୟବହାର କରୁଛନ୍ତି କି ? ଏବେଠାରୁ ସତର୍କ ହୋଇଯାଆନ୍ତୁ...



ଆଲୁମିନିୟମ୍ ଫଏଲ୍‌ରେ ଖାଦ୍ୟ ଗୁଡ଼ାଉଛନ୍ତି କି ? ଅଧିକାଂଶ ଘରେ ବଳକା ରୋଟି ଗୁଡ଼ାଇବା, ପନିପରିବା ଘୋଡ଼ାଇ ରଖିବା କିମ୍ବା ମଧ୍ୟାହ୍ନ ଭୋଜନ ବାକ୍ସ ପ୍ୟାକ୍ କରିବା ପାଇଁ ଆଲୁମିନିୟମ୍ ଫଏଲ୍ ବ୍ୟବହାର କରିବା ସାଧାରଣ କଥା। ବିଶ୍ୱାସ ଯେ ଏଥିରେ ଖାଦ୍ୟ ଗୁଡ଼ାଇ ରଖିଲେ ଗରମ ସହିତ ଖାଦ୍ୟ ନଷ୍ଟ ହୁଏ ନାହିଁ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ଆସନ୍ତୁ ଏହି ବିଷୟରେ ଜାଣିବା।

**ଏହା କ'ଣ କ୍ଷତି କରେ ?:**

ଡିସେମ୍ବର ୨୦୨୪ରେ "ଫୁଡ୍ ବାୟୋସାଇନ୍ସ" ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଯେତେବେଳେ ମାଛକୁ ଆଲୁମିନିୟମ ଫଏଲରେ ଉଚ୍ଚ ତାପମାତ୍ରାରେ ଭାଜି ଦିଆଯାଏ ସେତେବେଳେ ଫଏଲର ଧାତୁ ମାଛ ଭିତରକୁ ଚାଲିଯାଏ। ଗବେଷକମାନେ ଜାଣିପାରିଲେ ଯେ ଯେତେ ଅଧିକ ଫଏଲ ବ୍ୟବହାର କରାଯାଏ ଖାଦ୍ୟରେ ସେତେ ଅଧିକ ଧାତୁ ଶୋଷିତ ହୁଏ। ଅନ୍ୟ ଏକ ଅଧ୍ୟୟନରେ ବେକିଂ ସମୟରେ ଆଲୁମିନିୟମ୍ ଫଏଲ୍ ଖାଦ୍ୟକୁ କିପରି ପ୍ରଭାବିତ କରେ ତାହା ଦେଖାଯାଇଥିଲା। ଏଥିରେ ଦେଖାଯାଇଥିଲା ଯେ ସାଲମନ, ମ୍ୟାକେରେଲ୍, ଚିକେନ୍, ପୋର୍କ, ଟମାଟୋ ଏବଂ ପନିର ଭଳି ଅନେକ ଖାଦ୍ୟ ସାମଗ୍ରୀରେ ଆଲୁମିନିୟମ୍ ପରିମାଣ ୪୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

**ବିଶେଷଜ୍ଞମାନଙ୍କ ମତ:**

ଏହି ପରିପ୍ରେକ୍ଷୀରେ ଡାକ୍ତରମାନେ କୁହନ୍ତି ଯେ ଆଲୁମିନିୟମ୍ ଫଏଲ୍ ଏବଂ ପାତ୍ରର ଅନୁପଯୁକ୍ତ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଆଲୁମିନିୟମ୍ ଟମାଟୋ, ଲେମ୍ବୁ, ଭିନେଗାର, ଆଚାର ଏବଂ ତରକାରୀ ଯଥା ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସହିତ ବିଶେଷ ଭାବରେ ତୀବ୍ର ପ୍ରତିକ୍ରିୟା କରେ। ଯେତେବେଳେ ଏପରି ଖାଦ୍ୟ ଫଏଲ୍ କିମ୍ବା ଆଲୁମିନିୟମ୍ ପାତ୍ରରେ ରନ୍ଧାଯାଏ, ସେତେବେଳେ ଧାତୁ ଖାଦ୍ୟ ଭିତରକୁ ଯାଇପାରେ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ ଦୀର୍ଘ ସମୟ ଧରି ଉଚ୍ଚ ମାତ୍ରାର ଆଲୁମିନିୟମ ସହିତ ସମ୍ପର୍କ ରଖିବା ଦ୍ୱାରା ହାଡ଼ ସମସ୍ୟା, ବୃକକ୍ ଚାପ ଏବଂ ସ୍ନାୟୁ ସମସ୍ୟା ହୋଇପାରେ। ବୃକକ୍ ରୋଗୀଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ।

**ଖାଦ୍ୟକୁ କିପରି ସୁରକ୍ଷିତ ରଖିବେ ?:**

ବିଶେଷଜ୍ଞଙ୍କ ମତରେ, ପ୍ରତିଦିନ ରୋଷେଇ କିମ୍ବା ଦୀର୍ଘକାଳୀନ ସଂରକ୍ଷଣ ପାଇଁ ଆଲୁମିନିୟମ୍ ଫଏଲ୍ କିମ୍ବା ପାତ୍ର ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ଫଏଲ୍‌ରେ ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସଂରକ୍ଷଣ କରିବାରୁ ଦୂରେଇ ରୁହନ୍ତୁ। ରନ୍ଧା ଖାଦ୍ୟକୁ ଷ୍ଟିଲ୍, କାଚ କିମ୍ବା ସିରାମିକ୍ ପାତ୍ରରେ ରଖନ୍ତୁ। ଯଦି ବେକିଂ କିମ୍ବା ଗ୍ରୀଲ୍ କରିବା ପାଇଁ ଫଏଲ୍ ବ୍ୟବହାର କରୁଛନ୍ତି, ତେବେ ଖାଦ୍ୟ ଏବଂ ଫଏଲ୍ ମଧ୍ୟରେ ବଟର ପେପର୍ କିମ୍ବା ବେକିଂ କାଗଜ ରଖନ୍ତୁ।




ଜଳନେତି ଦ୍ୱାରା ନାସାପଥ ଓ ସାଇନସ୍‌ରୁ ଲାଳ ଓ ମଇଳା ବାହାରିଯାଏ। ଏହାଦ୍ୱାରା ଶ୍ୱାସ, ନ୍ୟୁମୋନିଆ, ବ୍ରୋଙ୍କାଇଟିସ୍ ଏବଂ ଫୁସ୍‌ଫୁସ୍ ଯକ୍ଷ୍ମା ଆଦି ରୋଗରୁ ମୁକ୍ତି ମିଳେ। ଆଲର୍ଜି, ଥଣ୍ଡା, ସାଇନୋସାଇଟିସ୍ ସହ କାନ, ଆଖି, ଗଳାର ବିଭିନ୍ନ ସମସ୍ୟା ଉପଶମ ହୁଏ। ତା'ସହ ସମୀପ ଦୃଷ୍ଟି, ଆଲର୍ଜିକ୍ ନାସା ପ୍ରଦାହ, ପରାଗଜ୍ୱର, ଟନ୍‌ସିଲାଇଟିସ୍‌ରୁ ମୁକ୍ତି ମିଳେ। ଜଳନେତି ଦ୍ୱାରା ପିଲାଙ୍କ ମୁହଁ ବାଟେ ନିଶ୍ୱାସ ନେବା କମିଯାଏ। ମୁହଁର ମାଂସପେଶୀ ଟାଣିହୁଏ ନାହିଁ। ଅଭ୍ୟାସକାରୀର ଚେହେରା ସତେଜ୍ ଓ ଯୁବସୁଲଭ ହୁଏ। ମସ୍ତିଷ୍କରେ ଶୀତଳ ଓ ଶାନ୍ତ ଭାବ ଅନୁଭୂତ ହୁଏ। ଅପସ୍ମାର ଓ ଅର୍ଦ୍ଧକପାଳୀରୁ ଉପକାର ମିଳେ।

ଜଳନେତି ନାକରେ ଥିବା ସ୍ନାୟୁଗୁଡ଼ିକର ଶେଷ ମୁଣ୍ଡକୁ ସକ୍ରିୟ କରେ। ମସ୍ତିଷ୍କ କାର୍ଯ୍ୟରେ ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟରେ ସର୍ବୋପରି ଉନ୍ନତି ହୁଏ। ଡାହାଣ ଓ ବାମ ନାସାରନ୍ଧ୍ରରେ ଭାରସାମ୍ୟ ଆସି ସ୍ୱାସ୍ଥ୍ୟରେ ଉନ୍ନତି ହୁଏ। ପାଚନ କ୍ରିୟା ଓ ରକ୍ତ ସଞ୍ଚାଳନ ପ୍ରଣାଳୀରେ ମଧ୍ୟ ଭାରସାମ୍ୟ ହୁଏ ବୋଲି ଯୋଗଗୁରୁ ଗଣେଶ୍ୱର ଗୋଛିକାର କହିଛନ୍ତି।

## ଆବଶ୍ୟକ ଉପକରଣ:

ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ 'ନେତି ଲୋଟା' ବ୍ୟବହାର କରାଯାଏ। ଏହା ପ୍ଲାଷ୍ଟିକ୍, ମାଟି, ପିତଳ ବା ଅନ୍ୟ କୌଣସି ଧାତୁରୁ ହୋଇପାରେ ଯାହା ପାଣିକୁ ଯେପରି ଦୂଷିତ କରିବ ନାହିଁ। ଲୋଟାର ନଳୀ ମୁହଁର ଅଗ୍ରଭାଗ ଆରାମରେ ନାସାରନ୍ଧ୍ରରେ ଲାଗି ରହିବ ଯେପରି ପାଣି ଲିକ୍ କରି ବାହାରି ନ ଆସେ। ଏପରିକି ଚା' କେଟେଲ୍ ମଧ୍ୟ ବ୍ୟବହାର କରିହେବ।

ଅଧା ଲିଟର ପାଣିରେ ଗୋଟିଏ ଚାମଚ ଲୁଣ ଭଲଭାବରେ ମିଶାଇବେ। ଲୁଣ ମିଶାଇବା ଦ୍ୱାରା ପାଣିର ଅସ୍‌କୋଟିକ୍ ଚାପ ଶରୀରର ଜଳୀୟ ଅଂଶର ଚାପ ସହ ସମାନ ରହିବ। ଏହାଦ୍ୱାରା ଶ୍ଳେଷ୍ମିକ ଝିଲ୍ଲୀର ଜ୍ୱଳନ କମିଯାଏ। ଜ୍ୱଳନ ବା କଷ୍ଟ ହେଲେ ଜାଣିବେ ବେଶୀ ବା କମ୍ ଲୁଣ ମିଶାଯାଇଛି।

## ପ୍ରଥମ ସ୍ଥିତିରେ ନାସାରନ୍ଧ୍ର ଧୋଇବା

ନେତି ଲୋଟାକୁ ତିଆରି କରିଥିବା ଲୁଣ ପାଣିରେ ଭର୍ତ୍ତି କରନ୍ତୁ
ଭଲ ଭାବରେ ଠିଆ ହୁଅନ୍ତୁ, ଗୋଡ଼ ଛାଡ଼ିକରି ରହିବ ଏବଂ ଦୁଇ ପାଦ ଉପରେ ଦେହର ଓଜନ ସମାନ ଭାବେ ପଡ଼ିବ
ଏବେ ସାମାନାକୁ ଝୁଙ୍କନ୍ତୁ
ପ୍ରାୟ ଗୋଟିଏ ମିନିଟ୍ ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଶିଥିଳ କରନ୍ତୁ।
ମୁଣ୍ଡକୁ ଟିକିଏ ପଛକୁ ଓ କଡ଼କୁ ବଙ୍କାଇ ରଖନ୍ତୁ
ମୁହଁରେ ନିଶ୍ୱାସ ନେବା ଆରମ୍ଭ କରନ୍ତୁ
ଧୀରେ ଉପରପଟ ନାସା ରନ୍ଧ୍ରରେ ଲୋଟାର ନଳୀମୁହଁର ଅଗ୍ରଭାଗକୁ ପୂରାନ୍ତୁ
କୌଣସି ପ୍ରକାର ଜୋର ପ୍ରୟାସ କରିବେ ନାହିଁ
ନଳୀ ଅଗ୍ରଭାଗକୁ ନାକ କଡ଼େ ଜୋରରେ ଚାପି ରଖିବେ ଯେପରି ପାଣି ବାହାରକୁ ଲିକ୍ କରି ନ ଆସେ
ଲୋଟାକୁ ଉପରକୁ ଟେକନ୍ତୁ ଯେପରି ପାଣି ନାସାରନ୍ଧ୍ର ଦେଇ ଭିତରକୁ ଯିବ ଏବଂ ବିପରୀତ ପଟେ ବାହାରିବ
ଧୀରେ ନାକବାଟେ ନିଶ୍ୱାସ ଛାଡ଼ି ଲାଳ କାଢ଼ିଦିଅନ୍ତୁ
ବିପରୀତ ଦିଗକୁ ମୁଣ୍ଡ ବଙ୍କାଇ ଲୋଟାକୁ ଉପରପଟ ନାସାରନ୍ଧ୍ରରେ ପୂରାଇ ଅଭ୍ୟାସର ପୁନରାବୃତ୍ତି କରନ୍ତୁ

## ଦ୍ୱିତୀୟ ସ୍ଥିତିରେ ନାକ ଶୁଖାଇବା

ସିଧା ଠିଆ ହୁଅନ୍ତୁ
ଡାହାଣ ନାସାରନ୍ଧ୍ରକୁ ଡାହାଣ ବୁଢ଼ା ଆଙ୍ଗୁଳିରେ ବନ୍ଦ କରନ୍ତୁ
ବାମ ନାସାରନ୍ଧ୍ରରେ ୫ରୁ ୧୦ଥର ଶୀଘ୍ର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ, କପାଳଭାତି ପ୍ରାଣାୟମ ଭଳି ନିଶ୍ୱାସ ଛାଡ଼ିବାରେ ଜୋର ଦେବେ
ବାମ ନାସାରନ୍ଧ୍ର ବନ୍ଦ କରି ଡାହାଣ ନାସାରନ୍ଧ୍ରରେ ଅଭ୍ୟାସର ପୁନରାବୃତ୍ତି କରନ୍ତ
ଏହି ଅଭ୍ୟାସ ଦ୍ୱାରା ସାଇନସ୍ କୋଟରରେ ଜମିଥିବା ପାଣି ବାହାରିଯାଏ

## ସଜାଗତା

ଦେହର ସ୍ଥିତି ଓ ଦେହ ଶିଥିଳ କରିବାରେ ଲକ୍ଷ୍ୟ ରଖିବେ, ସତର୍କ ରହିବ ଯେପରି ଲୋଟା ମୁହଁରୁ ପାଣି ନାକ ବାହାରକୁ ବାହାରି ନ ଆସେ। ନୂତନ ଅଭ୍ୟାସକାରୀ ମୁହଁ ବାଟେ ଆରାମରେ ନିଶ୍ୱାସ ନେବା ପ୍ରତି ଲକ୍ଷ୍ୟ ରଖିବେ।




**ହୃଦରୋଗ, ଯାହା ପୂର୍ବରୁ ମୁଖ୍ୟତଃ ବୟସ୍କମାନଙ୍କୁ ପ୍ରଭାବିତ କରେ ବୋଲି ଚିନ୍ତା କରାଯାଉଥିଲା, ଏବେ ଏହା ଯୁବପିଢ଼ିଙ୍କୁ ଅଧିକ ଆକ୍ରାନ୍ତ କରୁଛି। ବିଶେଷଜ୍ଞମାନେ କହିଛନ୍ତି ଯେ ୪୦ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ହୃଦଘାତ ବର୍ତ୍ତମାନ ବିଶ୍ୱ ସ୍ତରରେ ୬-୧୦ ପ୍ରତିଶତ ମାମଲା ଭାରତରେ ବିଶ୍ୱ ହାରାହାରି ହାର ଅପେକ୍ଷା ଆହୁରି ଅଧିକ। ଏହି ପରିବର୍ତ୍ତନ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି।**

**କାରଣ:**

ଏହି ଚିନ୍ତାଜନକ ଧାରା ପଛରେ ଜୀବନଶୈଳୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଅନେକ ଯୁବପିଢ଼ି ଡେସ୍କ ଉପରେ ବସି, ଯାତାୟାତ କରି କିମ୍ବା ସ୍କ୍ରିନ୍ ବ୍ୟବହାର କରି ଦୀର୍ଘ ସମୟ ବିତାଇଥାନ୍ତି। ପ୍ରକ୍ରିୟାକୃତ, ଚିନି ଏବଂ ଚର୍ବିଯୁକ୍ତ ଖାଦ୍ୟରେ ଅତ୍ୟଧିକ ଖାଦ୍ୟ ସହିତ ମିଶି, ଏହି ଅଭ୍ୟାସଗୁଡ଼ିକ ଓଜନ ବୃଦ୍ଧିରେ ସାହାଯ୍ୟ କରେ ଏବଂ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଉଚ୍ଚ କୋଲେଷ୍ଟ୍ରଲର ବିପଦକୁ ବୃଦ୍ଧି କରେ, ଯାହା ହୃଦୟକୁ ଚାପ ଦିଏ। ମାନସିକ ସ୍ୱାସ୍ଥ୍ୟ ଆଉ ଏକ ଲୁକ୍କାୟିତ କାରଣ। ଦୀର୍ଘକାଳୀନ ଚାପ, ଚିନ୍ତା ଏବଂ ଡିପ୍ରେସନ୍ କୋର୍ଟିସୋଲ୍ ସ୍ତରକୁ ବୃଦ୍ଧି କରେ, ଯାହା ସମୟ ସହିତ ରକ୍ତଚାପ ବୃଦ୍ଧି କରିପାରେ ଏବଂ ହୃଦୟକୁ କ୍ଷତି ପହଞ୍ଚାଇପାରେ। ଚାପ ଧୂମପାନ, ଅତ୍ୟଧିକ ମଦ୍ୟପାନ କିମ୍ବା ନିଶା ସେବନ ଭଳି ଅସ୍ୱାସ୍ଥ୍ୟକର ମୁକାବିଲା ଆଚରଣକୁ ମଧ୍ୟ ଉତ୍ସାହିତ କରେ, ଯାହା ହୃଦଘାତର ବିପଦକୁ ଆହୁରି ବୃଦ୍ଧି କରେ।

**ପ୍ରତିରୋଧ**

ଭଲ ଖବର ହେଉଛି ଯେ ପ୍ରତିରୋଧ ସମ୍ଭବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଶୀଘ୍ର ଲୁକ୍କାୟିତ ବିପଦଗୁଡ଼ିକୁ ଧରିହେବ। ଏକ ସନ୍ତୁଳିତ ଖାଦ୍ୟ ଏବଂ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଯେତେବେଳେ ଧ୍ୟାନ କିମ୍ବା ଯୋଗ ଭଳି ଅଭ୍ୟାସ ମାନସିକ ସୁସ୍ଥତାକୁ ସମର୍ଥନ କରେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଭଳି ଦୀର୍ଘସ୍ଥାୟୀ ଅବସ୍ଥା ପାଇଁ ଉପଯୁକ୍ତ ଚିକିତ୍ସା ଯୋଜନା ଅନୁସରଣ କରିବା ସହିତ ତମାଖୁ, ଇ-ସିଗାରେଟ୍ ଏବଂ ମନୋରଞ୍ଜନକାରୀ ଔଷଧ ପରିହାର କରିବା ଅତ୍ୟନ୍ତ ଜରୁରୀ।




କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ। ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା।

**କିଡନୀକୁ ସୁସ୍ଥ ରଖିବେ କିପରି ? :**

ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ।

**ଲୁଣ ଏବଂ ଚିନିକୁ ନିୟନ୍ତ୍ରଣ କରନ୍ତୁ :**

ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ। ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ। ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ। ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ ।

**ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ :**

ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି। ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ।

**ସକ୍ରିୟ ଜୀବନଶୈଳୀ ଆପଣାନ୍ତୁ :**

ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ ।ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ। ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ।

# ବେଙ୍ଗ, ଝିଟିପିଟି ଅନ୍ତଃନଳୀରୁ କର୍କଟ ଚିକିତ୍ସା



ଦିନକୁଦିନ ବିଜ୍ଞାନ ଆଗକୁ ବଢୁଛି। ତଥାପି କର୍କଟ ରୋଗର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ ହୋଇପାରିନାହିଁ। ଏକ ନୂଆ ଅଧ୍ୟୟନ ଏ ଦିଗରେ ଆଶା ସଞ୍ଚାର କରିଛି। ଜାପାନର ବୈଜ୍ଞାନିକମାନେ ଝିଟିପିଟି ଓ ବେଙ୍ଗ ଶରୀରରୁ ଏକ ଜୀବାଣୁ ଆବିଷ୍କାର କରିଛନ୍ତି, ଯାହାକୁ କୋଲନ୍ କର୍କଟର ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ।

ଗବେଷକମାନେ ବେଙ୍ଗ ଓ ଝିଟିପିଟି ଅନ୍ତଃନଳୀରୁ ଏକ ନିର୍ଦ୍ଦିଷ୍ଟ ଜୀବାଣୁ ଚିହ୍ନଟ କରିଛନ୍ତି, ଯାହା କୋଲୋରେକ୍ଟାଲ୍ କର୍କଟ(ଅନ୍ତଃନଳୀ ଓ ମଳଦ୍ୱାର କର୍କଟ) ଚିକିତ୍ସାରେ ବହୁତ ପ୍ରଭାବଶାଳୀ ପ୍ରମାଣିତ ହେବ ବୋଲି ଜଣାପଡ଼ିଛି। ଏହି ଜୀବାଣୁ ଚିକିତ୍ସା ଭବିଷ୍ୟତରେ ପାରମ୍ପରିକ କେମୋଥେରାପି ଓ ଇମ୍ୟୁନୋଥେରାପିର ସୁରକ୍ଷିତ ବିକଳ୍ପ ଭାବେ ଉଭା ହୋଇପାରେ।

ଜାପାନ ଆଡ୍‌ଭାନ୍‌ସ୍‌ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଆଣ୍ଡ୍ ଟେକ୍ନୋଲୋଜି (ଜେଏଆଇଏସ୍‌ଟି)ର ଏକ ବୈଜ୍ଞାନିକ ଦଳ ବେଙ୍ଗ ଏବଂ ଝିଟିପିଟିଙ୍କ ଅନ୍ତଃନଳୀରେ କର୍କଟ ପ୍ରତିରୋଧୀ ଜୀବାଣୁ ମିଳୁଥିବାର ଅଧ୍ୟୟନରୁ ଜାଣିବାକୁ ପାଇଲେ। ପରୀକ୍ଷା ସମୟରେ ବୈଜ୍ଞାନିକମାନେ ଦେଖିଲେ ଯେ 'ଇୱିଙ୍ଗେଲା ଆମେରିକାନା' ନାମକ ଜୀବାଣୁ ସିଧାସଳଖ କର୍କଟ ଓ ଟ୍ୟୁମରକୁ ଆକ୍ରମଣ କରୁଛି। ଏହା ଟ୍ୟୁମର ଭିତରକୁ ପ୍ରବେଶ କରେ ଏବଂ ପ୍ରଭାବିତ ସ୍ଥାନରେ ଶରୀରର ପ୍ରତିରକ୍ଷା ପ୍ରତିକ୍ରିୟାକୁ ସକ୍ରିୟ କରେ ଏବଂ ଶରୀରର ନିଜସ୍ୱ ଟି-କୋଷଗୁଡ଼ିକ କର୍କଟ କୋଷଗୁଡ଼ିକୁ ନିଶାଣ କରି ନଷ୍ଟ କରିବା ଆରମ୍ଭ କରେ।

ଏହି ଚିକିତ୍ସା ରୋଗୀମାନଙ୍କ ପାଇଁ କମ୍ ଯନ୍ତ୍ରଣାଦାୟକ ମଧ୍ୟ। ଚିକିତ୍ସାର ୨୪ ଘଣ୍ଟା ପରେ ରକ୍ତରେ ଜୀବାଣୁ ଚିହ୍ନଟ ହୋଇ ନଥିଲା ଏବଂ ୭୨ ଘଣ୍ଟା ମଧ୍ୟରେ ଶରୀରର ପ୍ରଦାହ ପ୍ରତିକ୍ରିୟା ସ୍ୱାଭାବିକ ହୋଇଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ଜୀବାଣୁକୁ ସ୍ତନ କର୍କଟ ଏବଂ ଅଗ୍ନାଶୟ କର୍କଟ ଭଳି ଅନ୍ୟ ରୋଗ ଲାଗି ମଧ୍ୟ ପରୀକ୍ଷା କରାଯିବ।

ଧ୍ୱନି ପ୍ରତିଧ୍ୱନି

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୂଳ ଶିଳ୍ପରେ ନୈରାଶ୍ୟ: ଆଠଟି କୋର୍ ସେକ୍ଟର ଉପରେ ଯୁଦ୍ଧର ପ୍ରଭାବ

ମାର୍ଚ୍ଚ ୨୦୨୬ରେ ଭାରତୀୟ ଅର୍ଥନୀତି ପାଇଁ ଏକ ଅତ୍ୟନ୍ତ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଦେଶର ନୀତି ନିର୍ଦ୍ଧାରକ ଏବଂ ଅର୍ଥନୀତିଜ୍ଞମାନଙ୍କ ପାଇଁ ଏକ ଗମ୍ଭୀର ସତର୍କ ଘଣ୍ଟି ସଦୃଶ । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଏପ୍ରିଲ ୨୦ ତାରିଖରେ ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଦେଶର ଆଠଟି ମୂଳ ଶିଳ୍ପ ବା କୋର୍ ସେକ୍ଟରର ଅଭିବୃଦ୍ଧି ମାର୍ଚ୍ଚ ମାସରେ ଶୂନ ଦଶମିକ ଚାରି ପ୍ରତିଶତ (୦.୪%) ସଙ୍କୁଚିତ ହୋଇଛି । ଗତ ଉଣେଇଶ ମାସ ମଧ୍ୟରେ ଏହା ହେଉଛି ଏହି କ୍ଷେତ୍ରର ସବୁଠାରୁ ନୈରାଶ୍ୟଜନକ ପ୍ରଦର୍ଶନ। ଏହି ଆଠଟି ପ୍ରମୁଖ ଶିଳ୍ପ—ଯଥା କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନାରୀ ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍—ଭାରତର ସାମଗ୍ରିକ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରେ ପ୍ରାୟ ୪୦.୨୭ ପ୍ରତିଶତ ଭାରାଙ୍କ ବହନ କରନ୍ତି । ତେଣୁ ଏହି କ୍ଷେତ୍ରଗୁଡ଼ିକର ସଙ୍କୋଚନ ସମଗ୍ର ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇବା ସୁନିଶ୍ଚିତ । ସରକାରୀ ଆକଳନ ଅନୁଯାୟୀ, ୨୦୨୫-୨୬ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ଏହି କୋର୍ ସେକ୍ଟରର ବାର୍ଷିକ ଅଭିବୃଦ୍ଧି ମାତ୍ର ୨.୬ ପ୍ରତିଶତରେ ସୀମିତ ରହିଛି । ଏହି ଆକସ୍ମିକ ସଙ୍କୋଚନ କୌଣସି ସାଧାରଣ ଘରୋଇ ଆର୍ଥିକ ମାନ୍ଦାବସ୍ଥାର ପରିଣାମ ନୁହେଁ, ବରଂ ଏହା ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧ ଏବଂ ଭୌଗୋଳିକ-ରାଜନୈତିକ ଅସ୍ଥିରତାର ସିଧାସଳଖ ପ୍ରତିଫଳନ ଅଟେ, ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ଗଭୀର ଭାବେ ପ୍ରଭାବିତ କରିଛି ।

ଏହି ସାମ୍ପ୍ରତିକ ସଙ୍କଟକୁ ବୁଝିବା ପାଇଁ ଭାରତୀୟ ମୂଳ ଶିଳ୍ପର ଅତୀତର ଗତିପଥ ବା ପାଷ୍ଟ ଟ୍ରାଜେକ୍ଟୋରୀ ଉପରେ ଦୃଷ୍ଟି ପକାଇବା ଆବଶ୍ୟକ । କୋଭିଡ୍-୧୯ ମହାମାରୀ ପରେ ଭାରତୀୟ ଅର୍ଥନୀତି ଯେତେବେଳେ ପୁନରୁଦ୍ଧାର ପର୍ଯ୍ୟାୟ ଦେଇ ଗତି କରୁଥିଲା, ସେତେବେଳେ ଏହି ଆଠଟି କୋର୍ ସେକ୍ଟର ଦେଶର ବିକାଶର ଇଞ୍ଜିନ ସାଜିଥିଲେ । ବିଶେଷକରି ୨୦୨୩ ଏବଂ ୨୦୨୪ ମସିହାରେ ସରକାରଙ୍କ ଦ୍ୱାରା ଭିତ୍ତିଭୂମି ବିକାଶ ଉପରେ ଦିଆଯାଇଥିବା ଅତ୍ୟଧିକ ଗୁରୁତ୍ୱ ଏବଂ ବ୍ୟାପକ ପୁଞ୍ଜିଗତ ବ୍ୟୟ (କ୍ୟାପିଟାଲ୍ ଏକ୍ସପେଣ୍ଡିଚର)ଯୋଗୁଁ ଇସ୍ପାତ ଏବଂ ସିମେଣ୍ଟ ଶିଳ୍ପରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା । ଦେଶର ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ କୋଇଲା ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ର ମଧ୍ୟ କ୍ରମାଗତ ଭାବରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରୁଥିଲେ । ସେହି ସମୟରେ ଘରୋଇ ଚାହିଦା ଏବଂ ସରକାରୀ ପ୍ରୋତ୍ସାହନ ବଳରେ ମୂଳ ଶିଳ୍ପଗୁଡ଼ିକ ବାହ୍ୟ ବିଶ୍ୱର ଛୋଟମୋଟ ଆର୍ଥିକ ଧକ୍କାକୁ ସହଜରେ ସାମ୍ନା କରିପାରୁଥିଲେ।

କିନ୍ତୁ ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବଂ ସାମରିକ ସଂଘର୍ଷ ଏବେ ବିଶ୍ୱ ଅର୍ଥନୀତି ପାଇଁ ଏକ ଭୟଙ୍କର ବିପଦ ସାବ୍ୟସ୍ତ ହୋଇଛି । ଏହି ଯୁଦ୍ଧ ପରିସ୍ଥିତି କାରଣରୁ ହୋର୍ମୁଜ୍ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଜଳପଥରେ ଅବରୋଧ ସୃଷ୍ଟି ହେବା ଫଳରେ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ମାର୍ଗ ଦେଇ ବିଶ୍ୱର ଏକ ବଡ଼ ଅଂଶ ଅଶୋଧିତ ତୈଳ ଏବଂ ତରଳ ପ୍ରାକୃତିକ ବାଷ୍ପ (ଏଲଏନଜି) ପରିବହନ ହୋଇଥାଏ । ଭାରତ ନିଜର ଅଶୋଧିତ ତୈଳ ଏବଂ ଗ୍ୟାସ ଆବଶ୍ୟକତାର ଏକ ବିଶାଳ ଅଂଶ ପାଇଁ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ ଥିବାରୁ, ଏହି ସଙ୍କଟ ଭାରତର ଶକ୍ତି ନିରାପତ୍ତା ଉପରେ ସିଧାସଳଖ ଆକ୍ରମଣ କରିଛି ।

ମାର୍ଚ୍ଚ ମାସର କୋର୍ ସେକ୍ଟର ତଥ୍ୟକୁ ବିଶ୍ଳେଷଣ କଲେ ଏହି ଯୁଦ୍ଧର ପ୍ରକୃତ କ୍ଷତି ସ୍ପଷ୍ଟ ବାରି ହୋଇପଡ଼େ । ଆଠଟି ମୂଳ ଶିଳ୍ପ ମଧ୍ୟରୁ ଚାରୋଟି କ୍ଷେତ୍ରର ଉତ୍ପାଦନ ଗତ ବର୍ଷର ସମାନ ମାସ ତୁଳନାରେ ହ୍ରାସ ପାଇଛି । ଏଥିମଧ୍ୟରୁ ସବୁଠାରୁ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି ସାର (ଫର୍ଟିଲାଇଜର)ଶିଳ୍ପରେ । ପଶ୍ଚିମ ଏସିଆ ସଙ୍କଟ କାରଣରୁ ପ୍ରାକୃତିକ ବାଷ୍ପ ଯୋଗାଣରେ ଘୋର ବାଧା ଉପୁଜିବାରୁ ମାର୍ଚ୍ଚ ମାସରେ ସାର ଉତ୍ପାଦନରେ ୨୪.୬ ପ୍ରତିଶତର ଏକ ଅଭୂତପୂର୍ବ ତଥା ଉଦ୍ବେଗଜନକ ହ୍ରାସ ଘଟିଛି । ଭାରତୀୟ କାରଖାନାଗୁଡ଼ିକ ୟୁରିଆ ଉତ୍ପାଦନ ପାଇଁ ମୁଖ୍ୟତଃ ଆମଦାନୀ ହେଉଥିବା ଏଲଏନଜି ଉପରେ ନିର୍ଭର କରନ୍ତି, ତେଣୁ ଗ୍ୟାସ୍ ଅଭାବରୁ ଅନେକ ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ କରିବାକୁ ପଡ଼ିଥିଲା । ଭାରତୀୟ କୃଷି କ୍ଷେତ୍ର ପାଇଁ ଏହା ଏକ ଖରାପ ସଙ୍କେତ, କାରଣ ଆଗାମୀ ଖରିଫ ଋତୁ ପାଇଁ ସାରର ପର୍ଯ୍ୟାପ୍ତ ଉପଲବ୍ଧତା ନିହାତି ଆବଶ୍ୟକ । ସେହିପରି ଅଶୋଧିତ ତୈଳ ଉତ୍ପାଦନ ୫.୭ ପ୍ରତିଶତ ସଙ୍କୁଚିତ ହୋଇଥିବା ବେଳେ କୋଇଲା କ୍ଷେତ୍ରରେ ୪.୦ ପ୍ରତିଶତ ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ୦.୫ ପ୍ରତିଶତର ସଙ୍କୋଚନ ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ, ଇସ୍ପାତ ଏବଂ ସିମେଣ୍ଟ ଶିଳ୍ପର ଅଭିବୃଦ୍ଧି ମଧ୍ୟ ଯଥେଷ୍ଟ ମନ୍ଥର ହୋଇଯାଇଛି । ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ୧୮ ମାସର ସର୍ବନିମ୍ନ ସ୍ତର ୨.୨ ପ୍ରତିଶତକୁ ଖସି ଆସିଥିବା ବେଳେ ସିମେଣ୍ଟ କ୍ଷେତ୍ର ୧୭ ମାସର ସର୍ବନିମ୍ନ ସ୍ତର ୪ ପ୍ରତିଶତକୁ ହ୍ରାସ ପାଇଛି । କେବଳ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ୬.୪ ପ୍ରତିଶତର ଆଖିଦୃଶିଆ ଅଭିବୃଦ୍ଧି ଦେଖାଯାଇଛି, ଯାହାର ମୁଖ୍ୟ କାରଣ ହେଉଛି ଆମଦାନୀ ବାଧାପ୍ରାପ୍ତ ହେବା କାରଣରୁ ଘରୋଇ ଉତ୍ପାଦନକୁ ଯୁଦ୍ଧକାଳୀନ ଭିତ୍ତିରେ ବୃଦ୍ଧି କରିବାର ନିଷ୍ପତ୍ତି ।

ବୃହତ୍ ଅର୍ଥନୈତିକ ବା ମାକ୍ରୋ-ଇକୋନୋମିକ୍ ଦୃଷ୍ଟିକୋଣରୁ ବିଚାର କଲେ ଏହି ତଥ୍ୟ ସମଗ୍ର ଦେଶର ଆର୍ଥିକ ସ୍ଥିରତା ପାଇଁ ଅତ୍ୟନ୍ତ ଉଦ୍ବେଗଜନକ । ମୂଳ ଶିଳ୍ପଗୁଡ଼ିକର ଦୁର୍ବଳ ପ୍ରଦର୍ଶନ ଦେଶର ସାମଗ୍ରିକ ଜିଡିପି ଅଭିବୃଦ୍ଧିକୁ ମନ୍ଥର କରିଦେବ ବୋଲି ଆଶଙ୍କା କରାଯାଉଛି । ଏହି ସାମ୍ପ୍ରତିକ ପରିସ୍ଥିତି ଭାରତୀୟ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଆଣିଦେଇଛି । ଏହା ସ୍ପଷ୍ଟ ଭାବରେ ପ୍ରମାଣିତ କରୁଛି ଯେ ଆମର ଅର୍ଥନୀତି ବାହ୍ୟ ଭୌଗୋଳିକ-ରାଜନୈତିକ ଶକ୍ତିଗୁଡ଼ିକ ଉପରେ କେତେ ମାତ୍ରାରେ ନିର୍ଭରଶୀଳ ଏବଂ ବିଶ୍ୱର କୌଣସି ଏକ ପ୍ରାନ୍ତରେ ହେଉଥିବା ଅସ୍ଥିରତା ଆମ ଦେଶର ଶିଳ୍ପ କାରଖାନାକୁ କିପରି ପ୍ରଭାବିତ କରିପାରେ । ଏଭଳି ସ୍ଥିତିରେ ଭାରତ କେବଳ କୂଟନୈତିକ ପ୍ରୟାସ ବା ସାମୟିକ ଆଶ୍ୱାସନା ଉପରେ ନିର୍ଭର କରି ବସିପାରିବ ନାହିଁ । ଦୀର୍ଘମିଆଦି ସୁରକ୍ଷା ପାଇଁ ଭାରତକୁ ନିଜର ଶକ୍ତି ଯୋଗାଣ ଶୃଙ୍ଖଳାର ବ୍ୟାପକ ବିବିଧକରଣ କରିବାକୁ ପଡ଼ିବ । କେବଳ ପଶ୍ଚିମ ଏସିଆ ଉପରେ ଶକ୍ତି ଏବଂ ସାର ଆମଦାନୀ ପାଇଁ ନିର୍ଭର ନକରି ଅନ୍ୟାନ୍ୟ ଦେଶଗୁଡ଼ିକ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ କରିବା ନିହାତି ଆବଶ୍ୟକ । ଏହା ସହିତ ନବୀକରଣଯୋଗ୍ୟ ଶକ୍ତି ଏବଂ ସବୁଜ ଉଦଜାନ କ୍ଷେତ୍ରରେ ପୁଞ୍ଜିନିବେଶକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି, ଯାହାଦ୍ୱାରା ପାରମ୍ପରିକ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମିବ । ସେହିପରି କୃଷି କ୍ଷେତ୍ରକୁ ସୁରକ୍ଷିତ ରଖିବା ପାଇଁ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ କରିବା ଲକ୍ଷ୍ୟରେ ସ୍ଥାନୀୟ କାରଖାନାଗୁଡ଼ିକର କ୍ଷମତା ବୃଦ୍ଧି କରିବାକୁ ପଡ଼ିବ । ଏହା ସହିତ ଭାରତ ନିଜର ରଣନୈତିକ ତୈଳ ଭଣ୍ଡାରର କ୍ଷମତାକୁ ଆହୁରି ବୃଦ୍ଧି କରିବା ଉଚିତ୍ । ପରିଶେଷରେ, ମାର୍ଚ୍ଚ ୨୦୨୬ର କୋର୍ ସେକ୍ଟର ସଙ୍କୋଚନ ଏକ ସ୍ପଷ୍ଟ ବିପଦ ସଙ୍କେତ । ପଶ୍ଚିମ ଏସିଆର ଅସ୍ଥିରତା ଏକ ବଡ଼ କଳା ବାଦଲ ସଦୃଶ ଅର୍ଥନୀତି ଉପରେ ଘୂରି ବୁଲୁଛି । ଭାରତ ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏହି ଜଟିଳ ଆହ୍ୱାନର ମୁକାବିଲା ପାଇଁ ଅତ୍ୟନ୍ତ ସତର୍କତାର ସହ ମିଳିତ ଭାବେ ନୀତି ନିର୍ଦ୍ଧାରଣ କରିବାକୁ ହେବ, ଯାହାଦ୍ୱାରା ଦେଶର ଦୀର୍ଘମିଆଦି ଅଭିବୃଦ୍ଧି ଏବଂ ସାଧାରଣ ଜନତାଙ୍କ ଜୀବିକା ସୁରକ୍ଷିତ ରହିପାରିବ ।

# ସଂରକ୍ଷଣ ନା ଷଡଯନ୍ତ୍ର: ସମ୍ବିଧାନ ସଂଶୋଧନ ବିଲ-୧୩୧



**ଡ଼. କାଳିକିଙ୍କର**

ଭାରତର ଲୋକସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଅପ୍ରେଲ ୧୫ ତାରିଖ ୨୦୨୬କୁ ଆହ୍ୱାନ କରାଯାଇଥିଲା ଯାହା ପ୍ରାୟ ୨୧ ଘଣ୍ଟାର ଆଲୋଚନା ପରେ ୧୭ ତାରିଖ ସନ୍ଧ୍ୟାରେ ୫୪ ଭୋଟରେ ପରାଜିତ ହେଲା । ଏହି ବିଲ ସମ୍ବିଧାନ ସଂଶୋଧନ ବିଲ ୧୩୧ ଭାବରେ ମୋଦି ସରକାର ଲୋକସଭାରେ ପ୍ରସ୍ତୁତ କରିଥିଲେ। ଯାହାକୁ ବିଶେଷ ଭାବରେ ନାରୀଶକ୍ତି ବନ୍ଦନ ଅଧିନିୟମ ଭାବରେ ଖୁବ ପ୍ରଚାର ପ୍ରସାର କରାଗଲା ଅର୍ଥାତ ଏକ ବିଚାର ସମସ୍ତଙ୍କ ଭିତରକୁ ଦେବାର ଯଥେଷ୍ଟ ପ୍ରୟାସ ସରକାରଙ୍କ ଦ୍ୱାରା ଦିଆଗଲା ଯେ ସମ୍ବିଧାନ ସଂଶୋଧନ ବିଲ ୧୩୧ ମହିଳାଙ୍କୁ ୩୩ ପ୍ରତିଶତ ଆରକ୍ଷଣର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ । ତେବେ ସବୁଠାରୁ ଉଲ୍ଲେଖନୀୟ କଥା ଯେ ଏହି ମହିଳା ଆରକ୍ଷଣ ଆଳରେ ସରକାର ଦେଶର ପରିସୀମମ ଓ କେନ୍ଦ୍ର ଶାସିତ ବିଧେୟକ ପାସ କରାଇବାର ଯୋଜନା କରିଥିଲେ ଯାହା ଅତ୍ୟନ୍ତ ଘାତକ ହୋଇଥାନ୍ତା ବୋଲି ସଂବିଧାନ ବିଶେଷଜ୍ଞମାନଙ୍କର ସ୍ପଷ୍ଟ ମତ।

ପୂର୍ବରୁ ମୋଦି ସରକାର ପରିସୀମନ ଆଳରେ ଆସାମ ଓ ଜାମ୍ମୁକାଶ୍ମୀରରେ ଯେଉଁ ପରିସୀମନ ନିର୍ଦ୍ଧାରଣ କରିବାର ପ୍ରୟାସ କରିଛନ୍ତି ସେଥିରୁ କେବଳ ରାଜନୈତିକ ସ୍ୱାର୍ଥ ପରିଦୃଶ୍ୟ ହୋଇଛି। ସେମିତି ସରକାର ସାରାଦେଶରେ ପରିସୀମନ ଆଳରେ ୮୫୦ ପର୍ଯ୍ୟନ୍ତ ସିଟ ସଂଖ୍ୟାକୁ ନେଇ ନିଜକୁ ଅନନ୍ତକାଳ ପର୍ଯ୍ୟନ୍ତ ଶାସନରେ ରଖିବାର ଯୋଜନା କରିଥିଲେ ଯାହା ଲୋକତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ହୋଇ ନଥାଆନ୍ତା । ମହିଳା ଆରକ୍ଷଣର ବାହାନା କରି ଭାରତୀୟ ଜନତା ପାର୍ଟି ଆପଣାପାଇଁ ସଂଖ୍ୟା ବହୁଳ ଆସନ ସୁରକ୍ଷିତ କରିବାର ଯୋଜନା କରିଥିଲେ। ଏଥିପାଇଁ ପ୍ରସ୍ତୁତି ଅନେକ ଦିନରୁ ମଧ୍ୟ କରିଥିବାର ଯଥେଷ୍ଟ ପ୍ରମାଣ ମିଳେ। ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଅତ୍ୟାବଶ୍ୟକୀୟ ପଦାର୍ଥର ଦାମ ବଢ଼େଇ ତଥା ବିମୁଦ୍ରିକରଣ କରି ଅନେକ ଅର୍ଥ ସଂଗ୍ରହ କଲେ । ପିଏମ କେୟର ଫଣ୍ଡ ନାମରେ ମଧ୍ୟ ଦେଶ ବିଦେଶରୁ ଧନ ସଂଗ୍ରହ କଲେ । ଦେଶର ସାର୍ବଜନୀନ ସମ୍ପତ୍ତିକୁ ବ୍ୟକ୍ତିଗତ ମାଲିକାନାର କମ୍ପାନୀମାନଙ୍କୁ ଦେଇ ଦଳ ଓ ସରକାରଙ୍କର ପାଣ୍ଠି ବହୁଗୁଣିତ କରିଛନ୍ତି। ଏହାଛଡା ବିଦେଶୀ ଋଣରେ ମଧ୍ୟ ଏ ସରକାର ସର୍ବକାଳୀନ ରେକର୍ଡ ପାର କରିଛନ୍ତି। ତେଣୁ ସେହି ଅର୍ଥର ନିର୍ବାଚନୀ ଉପଯୋଗ କରି ଶାସନରେ ରହିବାର ସମସ୍ତ ପ୍ରୟାସ କରିଛନ୍ତି।

ଏବେ ଯେଉଁ ହା-ହଲ୍ଲା ମହିଳା ଆରକ୍ଷଣ ବିଲ ବିରୋଧୀ ପାସ ହେବାକୁ ଦେଲେନାହିଁ ବୋଲି ପ୍ରଚାର ହେଉଛି ତାହା ବାସ୍ତବିକ ଏକ ଚତୁରତାର ମିଥ୍ୟାଳାପ । ୨୦୨୩ ମସିହାରେ ଏହି ମହିଳା ଆରକ୍ଷଣ ବିଲ ସର୍ବସମ୍ମତିରେ ପାସ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ସାରିଛି । ତେବେ ସେତେବେଳେ ଏହି ସରକାର ଶାସନରେ ଥାଇ କହିଲେ ଯେ ପ୍ରଥମେ ଜନଗଣନା, ତାପରେ ପରିସୀମନ ଆଦି କାର୍ଯ୍ୟ ସରିଲେ ମହିଳା ଆରକ୍ଷଣ ବିଲ ଲାଗୁହେବ । କିନ୍ତୁ ଏମିତି କିଛି ନ କରି ମୋଦୀ ସରକାର ଏକ ଖେଳ ଖେଳିବାର ପ୍ରୟାସ କଲେ । ପ୍ରାୟ ଭାବିଥିଲେ ଯେ ବିପକ୍ଷ ଦକ୍ଷ ନୁହଁନ୍ତି କି ଦେଶର ମହିଳାମାନେ ନିର୍ବୋଧ ଅଟନ୍ତି । ତାଙ୍କୁ ସହଜରେ ଭୋଳେଇ ହେବ। ଏହାଦ୍ୱାରା ସବୁଦିନ ପାଇଁ ଭରାତର ରାଜନୀତିରେ ନିଷ୍କଣ୍ଟକ ହୋଇ ଶାସନ କରିହେବ । ମନ ମୁତାବକ ନିର୍ବାଚନ ମଣ୍ଡଳୀ ତିଆରି କରି ନିଜର ଆସନ ସୁରକ୍ଷିତ କରିହେବ । ଏହି ଯୋଜନା ମୁତାବକ ଇସ ବାର ଚାରଶ ପାର ସ୍ଲୋଗାନ ଦିଆଯାଇଥିଲା । କିନ୍ତୁ ଦେଶର ଜନତା ତାଙ୍କ ଚତୁର ବିଦ୍ୟାକୁ ବୁଝିଗଲେ ଓ ୨୪୦ରେ ଆଣି ରଖିଦେଲେ । ଯଦି ବିହାରର ଜେଡିୟୁ ଓ ଆନ୍ଧ୍ରପ୍ରଦେଶର ତେଲଗୁ ଦେଶମ ସମର୍ଥନ ଦେଇ ନ ଥାଆନ୍ତା ତେବେ ସରକାରର ପତନ ଅବଶ୍ୟମ୍ଭାବୀ ଥିଲା ।

ମୋଦୀ ଓ ଶାହା ବୁଝିନେଲେ ଯେ ଦେଶର ସାଧାରଣ ଜନତାଙ୍କ ମୂର୍ଖ ଭାବିବା ପ୍ରାୟ ଉଚିତ ହେଉନି ତେବେ ସେମାନେ ନିଶ୍ଚିତ ଯେ ଏ ଦେଶର ମହିଳାମାନେ ଏବେ ମଧ୍ୟ ଖୁବ ଭାବପ୍ରବଣ । ତାଙ୍କୁ ଭୁଲେଇବା ବା ଭୋଳେଇବା ସହଜ କାମ । ତେଣୁ ୧୩୧ ସମ୍ବିଧାନ ସଂଶୋଧନ ନାଁରେ ପରିସୀମନ ଆଇନ ପାସ କରି ନିଜର ଗୁପ୍ତ ଅଭିଳାଷା ପୂରଣ କରିବାକୁ ଚାହିଁଲେ। ଜାଣିଥିଲେ ଯେ ସମ୍ବିଧାନ ସଂଶୋଧନ ବିଲ ପାସ କରିବା ସହଜ ନୁହେଁ । ତେବେ ବିରୋଧୀଙ୍କୁ ବିଭାଜିତ କରିପାରିବେ ବୋଲି ନିଶ୍ଚିତ ଥିଲେ । ସେଥିପାଇଁ ସିବିଆଇ, ଇଡି ଓ ଇନକମ ଟେକ୍ସର ମଧ୍ୟ ବ୍ୟବହାର କଲେ । ଭୟ ଓ ଭୋକର ଭ୍ରାନ୍ତି ବହୁତ ବିସ୍ତାରିତ କଲେ।

ସେମାନେ ଜାଣିଥିଲେ ଯେ ସମ୍ବିଧାନ ସଂଶୋଧନ ବିଲ ପାସ ହେବ ନାହିଁ କିନ୍ତୁ ସେଥିରୁ ମଧ୍ୟ ରାଜନୈତିକ ଲାଭ ହାସଲ କରିବାର ଯୋଜନା କରିଥିଲେ ଯାହାର ପ୍ରମାଣ ହେଲା ସମ୍ବିଧାନ ସଂଶୋଧନ ବିଲ ପରାସ୍ତ ହେବାର କେତେ ମିନିଟରେ ବିଜେପି ମହିଳା ସାଂସଦଙ୍କର ପ୍ଲାକାର୍ଡ ଧରି ମାର୍ଚ୍ଚ ତଥା ଅପ୍ରେଲ ୧୮ ତାରିଖ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ରାଷ୍ଟ୍ର ନାମରେ ଭାଷଣ । ସେ ଯେଉଁ ଭାଷଣ ଦେଲେ ତାହା ଜଣେ ପ୍ରଧାନମନ୍ତ୍ରୀଙ୍କର ଭାଷଣ ଅପେକ୍ଷା ବିଜେପିର ନେତା ଭାବରେ ଭାଷଣ ଥିଲା ବୋଲି କୁହାଯାଇ ପାରିବ । କେବଳ କଂଗ୍ରେସ, ଡିଏମକେ, ଟିଏମସି, ସମାଜବାଦୀ ପାର୍ଟିକୁ ଗାଳି ଦେବା ଓ ଦେଶର ନାରୀଙ୍କୁ ଛଳରେ ଫସେଇବାର ଅପଚେଷ୍ଟା ଛଡା ଆଉ କିଛି ନୁହେଁ କହିଲେ ଭୁଲ ହେବନି । ଇଂରାଜୀରେ ଏହାକୁ ଜେରୀ ମେଣ୍ଡଲିଙ୍ଗ ବୋଲି କୁହାଯାଏ । ମହିଳାଙ୍କୁ ସଂରକ୍ଷଣ ଦେବା ଅପେକ୍ଷା ଏହା ଏକ ଷଡ଼ଯନ୍ତ୍ର ବୋଲି ଅନେକେ କହିଲେଣି । ନରେନ୍ଦ୍ର ମୋଦୀ ସରକାର କେବଳ କେମିତି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଶାସନ କ୍ଷମତାକୁ ଫେରିବେ ସେହି ଚିନ୍ତାରେ ଏ ଅର୍ବାଚୀନ ରାଜନୈତିକ ଷଡଯନ୍ତ୍ର କରୁଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରୁଛନ୍ତି । ଦେଖାଯାଉ ସମ୍ବିଧାନ ସଂଶୋଧନ ବିଲ-୧୩୧କୁ ଏ ଦେଶର ଜନତା କେଉଁ ଦୃଷ୍ଟିରେ ବିବେଚନା କରୁଛନ୍ତି । ଅବଶ୍ୟ ଆମ ଦେଶର ଭୋଟର ଯେ ଯଥେଷ୍ଟ ସଚେତନ ଏକଥା କହିବା ଅତ୍ୟନ୍ତ କଷ୍ଟକର ତଥାପି ଆମକୁ ଆଶାବାଦୀ ହେବାକୁ ପଡ଼ିବ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏମିତି ଷଡଯନ୍ତ୍ରକୁ ଠିକରେ ବୁଝି ଉଚିତ ପଦକ୍ଷେପ ନେବ ।

+ଯୋଗାଯୋଗ- ବିଶ୍ୱଶ୍ରୀ ପ୍ରେସ, ଫକୀରମୋହନ କଲେଜ ରୋଡ଼, ବାଲେଶ୍ୱର-୧

# କୀର୍ତ୍ତି କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ



**ଅମରନାଥ ବାରିକ୍**

ମନ୍ଦିର ମାଳିନୀ ଓଡ଼ିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ । ଏଠାରେ ବିଭିନ୍ନ ବର୍ଗ ଜାତିର ମନୁଷ୍ୟ ବସବାସ କରନ୍ତି। ସେମାନେ ମୁଖ୍ୟତଃ ଗୋପାଳନ ଓ କୃଷି ଉପରେ ନିର୍ଭର କରୁଥିବା ବେଳେ ତନ୍ମଧ୍ୟରୁ କିଛି ମାତ୍ରାର ଲୋକ ବ୍ୟବସାୟ ମଧ୍ୟ କରନ୍ତି । ଯାଜପୁର ଜିଲ୍ଲା ମାନଚିତ୍ରରେ ଏହି ପଞ୍ଚାୟତ ଆଉ ଦୁଇଟି ଜିଲ୍ଲାକୁ ମଧ୍ୟ ସ୍ପର୍ଶ କରିଛି । ତାହା ହେଉଛି ଗୋଟିଏ କେନ୍ଦ୍ରାପଡ଼ା ଜିଲ୍ଲା ଓ ଅନ୍ୟଟି ହେଉଛି ଭଦ୍ରକ ଜିଲ୍ଲା । ତିନୋଟି ଜିଲ୍ଲା ସଙ୍ଗମର କେନ୍ଦ୍ରବିନ୍ଦୁ ପାଲଟିଛି ପୁଣ୍ୟତୋୟା ବୈତରଣୀ ନଦୀ । ଏହି ବୈତରଣୀ ନଦୀର ପଶ୍ଚିମ ଦିଗରେ ମା' ଜୟଚଣ୍ଡୀ ଶକ୍ତି ପୀଠ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବା ବେଳେ ପୂର୍ବ ଦିଗରେ ବାବା ଆଖଣ୍ଡଳମଣିଙ୍କ ଅବସ୍ଥାନ ହୋଇଛି । ଏହି ଶକ୍ତି ପୀଠରୁ ପୂର୍ବ ଆଡ଼କୁ ପ୍ରମୁଖ ପ୍ରବେଶ ପଥ ପଡ଼ୋଶୀ ଭଦ୍ରକ ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି । ସେମିତି ଏହି ଶକ୍ତି ପୀଠରୁ ପଶ୍ଚିମ ଆଡ଼କୁ କଟକ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ସ୍ପର୍ଶ କରିଛି । କୟାଁଗୋଲା ନିକଟରେ ବୈତରଣୀ ନଦୀ ସେତୁ ପାର ହେଲେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବୋଡକ ଗ୍ରାମ ଆରମ୍ଭ । ସେହିପରି କୟାଁଗୋଲା ନିକଟସ୍ଥ ଗହିରାପାଳ ଗ୍ରାମ ନିକଟରେ ଥିବା ଏକ ସେତୁ ପାରି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ କନପୁର ଗ୍ରାମ ପଡ଼ିଥାଏ। ଏହି ସୀମା ମଧ୍ୟ ଦେଇ ପ୍ରତ୍ୟେକ ଦିନ ସହସହ ଭକ୍ତ ମା' ଜୟଚଣ୍ଡୀଙ୍କ ଆଶୀର୍ବାଦ ନିମନ୍ତେ ଶକ୍ତି ପୀଠକୁ ଯାତ୍ରା କରନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ସେବାୟତ ମାନେ ମା'ଙ୍କୁ ଶୀତଳ ଜଳରେ ଚୁଆ ଚନ୍ଦନ ହଳଦୀ ଅତର ଲଗାଇ ସ୍ନାନ କରାଇ ଥାଆନ୍ତି । ପରେ ଚନ୍ଦନ ନାଲି ସିନ୍ଦୂର କୁଙ୍କୁମ ସୁବାସ ଅତର ଲଗାଇ, ପାଟ ଲୁଗା ପିନ୍ଧାଇ, ମନ୍ଦାର ଫୁଲରେ ସଜାଇ ଦିଆଯାଏ । ବିଭିନ୍ନ ସମୟରେ ଭଳିଭଳି ବେଶରେ ମା'ଙ୍କୁ ପୂଜା କରାଯାଏ । ଝୁଣା ଧୂପ ବାସ୍ନାରେ ମନ୍ଦିର ବେଢା ମହକି ଉଠୁଥାଏ । ହସ୍ତତନ୍ତ ବୁଣାକାରମାନେ ସୂତାରେ ନିର୍ମିତ ରଙ୍ଗିନ ଚାନ୍ଦୁଆ ତିଆରି କରି ମା'ଙ୍କ ପାଇଁ ଅର୍ପଣ କରିଥାନ୍ତି । ମୁଗୁନି ଶିଳା ବେଦୀ ଉପରେ ବସି ମାଆ ଝଟକୁ ଥାଆନ୍ତି । ଏଠାରେ ରହୁଥିବା ପୂଜକ ମାନଙ୍କ ପାରିଶ୍ରମିକ ପାଇଁ ନିକଟରେ ଥିବା ଠାକୁର ଜମି ପ୍ରଦାନ କରାଯାଇଛି । ସେମାନେ ପାଳି କରି ମା'ଙ୍କର ମନଲାଖି ସେବା କରିଥାନ୍ତି।

ବୈଶାଖ ମାସ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମା'ଙ୍କୁ ବେଲ କଦଳୀ ମହୁ ମିଶିରି ଦହି କ୍ଷୀର ମଖନ ଛେନା ଗୁଡ଼ରୁ ତିଆରି ପଣା ଅର୍ପଣ କରାଯାଇ ପଞ୍ଜିକା ଆରମ୍ଭ ହୋଇଥାଏ। ଠିକ୍ ସେମିତି ପରେ ପରେ ଜ୍ୟେଷ୍ଠ ମାସରେ ପଡୁଥିବା ପର୍ବ ପର୍ବାଣୀ ଯେମିତିକି ଗଣପର୍ବ ରଜ ଆଉ ଚନ୍ଦନ ପୂର୍ଣ୍ଣିମା ଭଳି ବିଭିନ୍ନ ଓଷା ବ୍ରତ ଭକ୍ତିର ସହିତ ପାଳନ କରାଯାଇଥାଏ । ଆଷାଢ଼ ମାସରେ ନିଷ୍ଠାର ସହିତ ରଥ ଯାତ୍ରା ପାଳନ କରାଯାଇଥାଏ । ଶ୍ରାବଣ ମାସ ଆରମ୍ଭରେ ସମସ୍ତ ପର୍ବ ସର୍ବୋପରି ରାକ୍ଷୀ ଅର୍ପଣ ଅର୍ଥାତ୍ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ପ୍ରିୟ ଭୋଗ କ୍ଷୀରି ଖେଚୁଡ଼ି ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲାଗିଥାଏ । ଭାଦ୍ରବର ଆଗମନରେ ସଜ କରାଯାଏ ମା'ଙ୍କ ପରିଧାନ ଲାଗି ନୂତନ ପାଟ ବସ୍ତ୍ର । କାରଣ ଆଗ ନୂଆ ବସ୍ତ୍ରରେ ମା'ଙ୍କୁ ପଦ୍ମୁଆଁ କରି ବଡ଼ ସନ୍ତାନଙ୍କ ପାଇଁ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ । ଏହା କେବଳ ଓଡ଼ିଶାରେ ହିଁ ଏକ ଅନନ୍ୟ ପର୍ବ । ଆଶ୍ୱିନ ପଦାର୍ପଣ କଲେ ହସିଥାଏ ନଈପଠା, କାଶତଣ୍ଡୀ ଫୁଲର ଚାମରରେ ମହକି ଉଠେ ମହା ପାର୍ବଣ । ଯାହା ଶାରଦୀୟ ଦୁର୍ଗା ପୂଜା ନାମରେ ଉଛୁଳିଉଠେ । ମା'ଙ୍କ ପାଖରେ ମହା ଅଷ୍ଟମୀ ତିଥିରେ କଖାରୁ ବଳୀପଡ଼େ । ସବୁ ମାସଠାରୁ ଧର୍ମ ମାସ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ ମା'ଙ୍କ ନିକଟରେ। ଘୃତ ଦୀପ ଧୂପ କର୍ପୁର ଆଳତିର ତାଳେ ତାଳେ ବାଜି ଉଠେ ଘଣ୍ଟ ଘଣ୍ଟା ଶଙ୍ଖ ଖୋଳ ମର୍ଦ୍ଦଳ । ହବିଷ ଡାଲମା ଅନ୍ନ ପ୍ରସାଦ ଲାଗିଥାଏ ମା'ଙ୍କୁ। ଓଡ଼ିଆ ଘରର ଝୋଟି ଚିତାକୁ ଦେଖିଲେ ଜାଣିହୁଏ ଲକ୍ଷ୍ମୀପୂଜା ମାଣବସା ଗୁରୁବାର ଆସିଗଲା ବୋଲି । ଯାହା ମାର୍ଗଶିର ମାସରେ ମା'ଙ୍କ ନିକଟରେ ପାଳନ କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ ନାରୀ କେବେବି ଅବଳା, ଦୁର୍ବଳା ନୁହେଁ । ନାରୀ ପୂଜ୍ୟା, ନାରୀ ବନ୍ଦନୀୟା, ନାରୀ ସମ୍ମାନୀୟା, ନାରୀ ଜନନୀ ଭଗିନୀ ଜାୟା କାୟା ନାରୀ ସର୍ବ ଶକ୍ତି ସ୍ୱରୂପିଣୀ । ପୌଷ ମାସରେ ପୌଷ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଇଥାଏ । ନୂଆ ଧାନରୁ ପ୍ରସ୍ତୁତ କରାଯାଏ ମକର ଚାଉଳ । ଯାହା ମାଘ ମାସରେ ପଡୁଥିବା ପବିତ୍ର ମକର ସଂକ୍ରାନ୍ତି ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏଠି । ଗୋପାଳ ଓଗାଳ ରଙ୍ଗ ଅବିର କଥା କହିଲେ ଫାଲଗୁନ ମାସରେ ପଡୁଥିବା ଦୋଳପୂର୍ଣ୍ଣିମା କୁ ବୁଝାଏ ଯାହା ମା'ଙ୍କ ପାଖରେ ମେଳଣ ପର୍ବ ରୂପରେ ପାଳନ କରାଯାଇଥାଏ ଏଠି। ଶେଷରେ ଚୈତ୍ର ମାସରେ ଚଇତି ପୂର୍ଣ୍ଣିମା ଆଉ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଆନନ୍ଦ ସହକାରେ ପାଳନ କରାଯାଇଥାଏ ମା'ଙ୍କ ଶକ୍ତି ପୀଠରେ । ଦେଶ ସ୍ୱାଧୀନ ପୂର୍ବରୁ ଜମିଦାର ପ୍ରଥା ରାଜଙ୍କ କଠୋର ଶାସନ କଥା କହିଲେ ଆଜି ବି ଲୋମ ଟାଙ୍କୁରି ଉଠେ। କନିକାର ରାଜା ସୀମା ଅତିକ୍ରମ କରି ଏଠାରେ ରହୁଥିବା ଗରିବ ଖଟିଖିଆ ଲୋକ ମାନଙ୍କ ଠାରୁ ଅତିରିକ୍ତ କର ଆଦାୟ କରୁଥିଲେ । ଅତ୍ୟାଚାରିତ ପ୍ରଜା ଝାମ୍ପୁଲା ସିଂହ ମା' ଜୟଚଣ୍ଡୀ ଙ୍କ ଅନୁମତି ନେଇ କନିକା ରାଜାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ତାଙ୍କ ଖଣ୍ଡାରେ ମାଆ ଷଡ଼ଭୂଜା ଜୟଚଣ୍ଡୀଙ୍କ ଶକ୍ତି ଥିବାରୁ କନିକା ରାଜା ପରାସ୍ତ ହୋଇଥିଲେ । ଝାମ୍ପୁଲା ସିଂହ ବିଜୟଲାଭ କରିଥିଲା । କିଏ କହେ ମା' ଜୟଚଣ୍ଡୀ କଳିକତାରୁ ଆସିଥିଲେ ତ କିଏ କହେ ଖୋର୍ଦ୍ଧାର ରଥି ଗଡ଼ରୁ ଆସିଥିଲେ। କିଏ କହେ କନିକାର ପଥର ଗଡ଼ରୁ ଆସିଥିଲେ ତ କିଏ କହେ କନିକା ପଳାଇ ଯାଇ ଥାନ୍ତେ । ଇତିହାସରେ ସେମିତି କିଛି ସଠିକ୍ ତଥ୍ୟ ନାହିଁ ଯେ ମାଆ କେମିତି ଆବିର୍ଭାବ ହେଲେ । ତଥାପି ସମାଲୋଚକ ମାନେ କୁହନ୍ତି ।

ଝାମ୍ପୁଲା ମାତିଲା ଖପରା ତାତିଲା
ଆସିଗଲା ନଈ ବଢ଼ି ।
ଆଉ ଯଦି ବେଳ ଘଡ଼ିଏ ଥାଆନ୍ତା
କନିକା ଯାଇଥାନ୍ତେ ମାଡ଼ି ।।

ସେ ଯାହା ବି ହେଉ ମା'ଙ୍କର ମହିମା କଥା କହିଲେ ସରିବ ନାହିଁ । ମା' ଜୟଚଣ୍ଡୀଙ୍କର ଭକ୍ତ ଝାମ୍ପୁଲା ସିଂହକୁ ମା କହିଲେ ତୋ ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୋ ସାଙ୍ଗରେ ଯିବି କିନ୍ତୁ ତୁ ମୋତେ ପଛକୁ ଫେରି ଚାହିଁବୁ ନାହିଁ । ଯେଉଁଠି ପଛକୁ ଫେରି ଚାହିଁବୁ ମୁଁ ସେଇ ସ୍ଥାନରେ ରହିଯିବି। ଆଗେ ଆଗେ ଝାମ୍ପୁଲା ଚାଲିଥାଏ । ପଛରେ ମା' ଜୟଚଣ୍ଡୀ ଚାଲୁଥାଆନ୍ତି । ମା'ଙ୍କର ସେ ଚରଣ କମଳରୁ ନୂପୁରର ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦର ଝଙ୍କାର ଶୁଣି ଝାମ୍ପୁଲା ପଛକୁ ଫେରି ନ ଚାହିଁ ଆନନ୍ଦ ମନରେ ଚାଲିଥାଏ । କିଛି ବାଟ ଯିବା ପରେ ମଲ୍ଲିପୁର ଠାରେ ନୂପୁର ଶବ୍ଦ ବନ୍ଦ ହୋଇଗଲା । ଆଗରୁ ଏହି ଅଞ୍ଚଳ ବୃକ୍ଷଲତାରେ ଶୋଭନୀୟ ଥିବାରୁ ମା' ଟିକେ ଲତା ଗହଳରେ ଝୁଲି ଖେଳୁଥିଲେ। ଝାମ୍ପୁଲା ମନରେ ସନ୍ଦେହ ସୃଷ୍ଟି ହେଲା ଆଉ କାହିଁ ନୂପୁର ଶବ୍ଦ ଶୁଭୁନାହିଁ ! ସେ ପଛକୁ ଫେରି ଚାହିଁଦେଲା, ମା କହିଲେ 'ତୁ ମୋତେ ପଛକୁ ଫେରି ଚାହିଁଥିବାରୁ ମୁଁ ଏଇଠି ଅବସ୍ଥାନ କରୁଛି ।' ସେହି ଦିନଠାରୁ ମା' ମଲ୍ଲିପୁର ଠାରେ ରହି ପୂଜା ପାଇଆସୁଛନ୍ତି । ଦୈନିକ ମା'ଙ୍କୁ ପାଳିକରି ପଣ୍ଡିତମାନେ ପୂଜା କରନ୍ତି । ସେମାନଙ୍କ ମଧ୍ୟରୁ ମାନ ପଣ୍ଡା ବୋଲି ଜଣେ ମଲ୍ଲିପୁର ବରିଷ୍ଠ ପୂଜକ ମା'ଙ୍କର ପ୍ରିୟ ସେବାୟତ ଥିଲେ । ଅତି ନିଷ୍ଠାର ସହିତ ସେ ବିଭିନ୍ନ ବେଶରେ ସଜାଇ ମନ ପ୍ରାଣ ଦେଇ ଭକ୍ତିଭାବରେ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିପାରୁଥିଲେ । ସେଥିପାଇଁ ମାନ ପଣ୍ଡାଙ୍କୁ ମା' ଜୟଚଣ୍ଡୀଙ୍କର ବାପା ବୋଲି ସମ୍ବୋଧନ କରାଯାଏ । ଲୋକେ କୁହନ୍ତି 'ମାନ ପଣ୍ଡାର ଇଚ୍ଛା ନା ମା' ଜୟଚଣ୍ଡୀଙ୍କର ଇଚ୍ଛା' । କୁହାଯାଏ ଜଣେ ଶଙ୍ଖାରୀ ଦିନେ ଶଙ୍ଖା ବ୍ୟବସାୟ କରିବା ପାଇଁ ଏହି ରାସ୍ତା ଦେଇ ଯାଉଥାଏ । ମା' ଶଙ୍ଖାରୀ ଠାରୁ କିଛି ଶଙ୍ଖା ରଖିଲେ । ଶଙ୍ଖାରୀ ତା'ର ପଇସା ମାଗିବାରୁ ମା' କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । କହିବେ ତମ ଝିଅ ଶଙ୍ଖା ନେଇଛି ।' ଶଙ୍ଖାରୀ ଯାଇ ମାନ ପଣ୍ଡାଙ୍କୁ ପଇସା ମାଗିବାରୁ ମାନ ପଣ୍ଡା କହିଲେ ମୋର କଉ ଝିଅ ତମ ଠାରୁ ଶଙ୍ଖା ନେଲା କେଉଁଠୁ ନେଲା । ତଥାପି ମାନ ପଣ୍ଡା ପଇସା ଦେଲେ । କାରଣ ସେ ସମୟର ଲୋକେ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ । ପୁଣି ଆଉ ଥରେ ସେହି ବାଟ ଦେଇ ଜଣେ ଲୁଗା ବେପାରୀ ଯାଉଥାଏ । ତା' ଠାରୁ ମା' ପାଟ ଲୁଗା ଖଣ୍ଡେ ରଖି, କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । (କ୍ରମଶ।)

+ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର -
୭୫୫୦୧୧
ମୋ: ୯୫୪୦୩୦୮୦୯୫




## ଖରା ଥିଲେ ଅଛି ଛାଇ

**ସୁନନ୍ଦା ମହାନ୍ତି**

ଆକାଶରେ ଏତେ ଖରା
ଗଛ ଦେଲା ଛାଇ
ଭାରି ଶୋଷ ସଜୀବକୁ
ପାଣି ଦେଲା ନଈ

ଧରଣୀ ରାଣୀ ଖରାରେ
ପାହାଡ଼ ଉପରୁ ଗଛ ନେଇ
ପୋତିଦେଇ ସବୁଜ ବନାନୀ
କରେ ବର୍ଷା ହେବା ପାଇଁ

ପକ୍ଷୀର କାକଳୀ ପୁଣି
ପବନର ଶବ୍ଦ ସାଇଁ ସାଇଁ
ଯୁଆଡେ ଯାଅ ପାଇବ
ମୁଠେ ମାଟି ଗଛ ଛାଇ

ଜଳୁ ନିଆଁ ଆସୁ ବତାସ
କିଛି ହେବ ନାହିଁ
ଭଜ ରାମ ହନୁମାନ
ପାଣି ଦେବ ନଈ

ଫାଳେ କାଠ ଲୋଡ଼ା
ଶୁଷ୍କ ଓଠ ପାଇଁ
ନଈ ପାଣି ନଈକୁ ଯା ବହି
ସିଲଟ ଶୁଖି ଗଛ କଥା କହି

ମାଟି ଅଛି ଗଛ ବଞ୍ଚିଛି
ପକ୍ଷୀ ଗାଉଛି ଫୁଲ ଫୁଟୁଛି
ତାରା ଭରା ଆକାଶକୁ ଚାହିଁ
ପାହାଡ଼ ବି ଉଠେ ଚେଇଁ

ଦୂରୁ ନାଉରିଆ ଯେବେ କେହି
ଗୀତଟିଏ ଦିଏ ଗାଇ
ଗାଁ ଘରେ ଖଟ ମଠ କାଠ
ଆଉ କଣ ଲୋଡ଼ା କହି
ଯୁଆଡେ ଯାଉଛୁ ଯାଆ
ପ୍ରକୃତି ଅଛି ବୋଲି
ବଞ୍ଚିଯିବୁ ମଣିଷ ଭାଇ ତୁହି।

+ସାକ୍ଷୀଗୋପାଳ , ପୁରୀ
ମୋ: ୯୦୪୦୯୭୭୩୨୭

## ବଦଳି ଯାଆନ୍ତି ଲୋକେ

**ନିରଞ୍ଜନ ସାହୁ**

ସମୟାନୁସାରେ ବଦଳି ଯାଆନ୍ତି
ଏଠିକାର ଲୋକ ଯେତେ
କିଏସେ କହୁନ ସମ୍ପର୍କ ବାନ୍ଧିକି
ବଦଳି ନ ଯାଏ ଏତେ ।

ଆଜି ଯିଏ ପର କାଲି ଆପଣାର
ଆପଣାର ହୁଏ ପର
ସମ୍ପର୍କର ପରିଭାଷା ବଦଳଇ
ଏକଥା ମନରେ ଭର
ସେ ସମ୍ପର୍କ ପୁଣି ତୁଟି ଯାଇଥାଏ
ବୁଝାଇ କହିବି କେତେ ।

ଅନେକ ଲୋକ ବି ସ୍ୱାର୍ଥ ଆଶା ରଖି
ସମ୍ପର୍କ ବାନ୍ଧନ୍ତି ଆସି
ସ୍ୱାର୍ଥ ସରିଗଲେ ମୁହଁ ମୋଡ଼ିଦେଇ
ସମ୍ପର୍କ ଦିଅନ୍ତି ନାଶି
ସେମାନଙ୍କୁ ଯେତେ ବିଶ୍ୱାସ କରିବ
ହଇରାଣ ହେବ ସେତେ ।

ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଯେ
ଆପଣାର ଲାଗୁଥାନ୍ତି
ଭିତରେ ଭିତରେ ସ୍ୱାର୍ଥ ଖୋଜୁଥାନ୍ତି
ସରିଗଲେ ଖସିଯାନ୍ତି
ଯେଉଁ ମଣିଷଟା ଠକାମୀରେ ପଡ଼େ
ଭଲଭାବେ ସିଏ ଚେତେ ।

ଜୀବନ କାଳରେ ଲୋକଙ୍କୁ ଚିହ୍ନିକି
ଚାଲିବାକୁ ହେବ ବାଟ
ଲୋକମାନଙ୍କର ମାୟାରେ ନ ପଡ଼ି
ବେଳ ଥାଉ ବାଟ କାଟ
ମଣିଷ ପରଖି ରୋପଣ କରନ୍ତୁ
ସମ୍ପର୍କର ସୁନାକ୍ଷେତେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# କବିତାମାଳା

## ଝାଞ୍ଜି
### ନୀଳମଣି ଚାନ୍ଦ



ଝାଞ୍ଜିର ଆଘାତ
ଚାବୁକ ନୁହଁ କି ଅପମାନ
ତଥାପି ଆସିଲେ
ହୋଇଯାଉ ଆମେ ସାବଧାନ
ସିଏ ତ ନୁହଁରେ ସଇତାନ ।

ନିଦାଘ ଆସିଲେ
ହୁଅଇ ତାହାର ପଦାର୍ପଣ
ଶ୍ରେଷ୍ଠ ଜୀବ ହୋଇ
ଆମେ କରୁ ଆତ୍ମସମର୍ପଣ
କହୁ କର୍ମ ତା'ର କି ଦାରୁଣ ।

ବାୟୁ ପରା ସିଏ
ଭିନ୍ନତା ତା'ର ହୁଏ ବାରି
ଘର୍ମାକ୍ତ ହୁଅନ୍ତି
ଧରାବାସୀ ପରା ଅସୁମାରୀ
ଭାବିଥାଉ ସିଏ ଅପକାରୀ ।

ଝାଞ୍ଜିର ପରଶ
କରେନି ସନ୍ତାପ ଉପଚାର
ମଳୟର ପରି
ନଥାଏ ତାହାର ଦରକାର
ଗ୍ରୀଷ୍ମ ଥିଲେ ଆସେ ବାରବାର ।

+ ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ନୂଆ ସକାଳ
### ରାଖାଲ ଚନ୍ଦ୍ର ସ୍ୱାଇଁ



ରାତିର କଳା ଚାଦର ତଳେ
ଗୁମୁରି କାନ୍ଦୁଥିବା ନିସ୍ତବ୍ଧ
ଅନ୍ଧାରର ଛାତି ଚିରି,
ରକ୍ତ ଜୁଡୁବୁଡୁ ହେଇ ଜନ୍ମ ନିଏ
ସକାଳ ସୂରୁଯ।
ସେ ଲାଲ ରଙ୍ଗ ନୁହେଁ,
ଦିଗବଳୟର କାନ୍ଥରେ ସେ ଛିଟିକି ପଡ଼ିଥିବା
ଏକ ବିଦ୍ରୋହୀର ରକ୍ତ ଛିଟା।

ସେ ତ ଏକ ସଂଗ୍ରାମର ଲାଲ୍ ସ୍ୱାକ୍ଷର,
ଯିଏ ଶୂନ୍ୟତାକୁ ଚିରି
ଜନ୍ମ ଦିଏ ଏକ ନୂଆ ସମ୍ଭାବନା।
ପୂର୍ବ ଆକାଶର ସେଇ ଲାଲ୍ ଆଭା,
କେବଳ ସିନ୍ଦୂରା ଫଟା ରଙ୍ଗ ନୁହେଁ,
ବରଂ ଅନ୍ଧାର ସହ ଭୀଷଣ ଯୁଦ୍ଧର
ଏକ ତାଜା କ୍ଷତ ଚିହ୍ନ।

ସେ ଚିହ୍ନ ଶିଖାଇଦିଏ, ବିଜୟ
ସହଜରେ ଆସେନାହିଁ,
ପ୍ରତିଟି ନୂଆ ସକାଳ ପଛରେ ଥାଏ
ଏକ ଦୀର୍ଘ ସଂଗ୍ରାମର କ୍ଷତାକ୍ତ ଇତିହାସ।
ହେଲେ ସେଇ ରକ୍ତରଞ୍ଜିତ
ଆକାଶରୁ ହିଁ ଝରିପଡ଼େ ଆଶା,
ଯିଏ ଶୁଖାଇଦିଏ ଗତକାଲିର ସବୁ ଅଶ୍ରୁ।
ଧୀରେ ଧୀରେ ସେହି କ୍ଷତରୁ
ଝରିଆସେ ଏକ ବଡ଼ ପରିବର୍ତ୍ତନ,
ଯିଏ ମେଲାଇ ଦିଏ ସମ୍ଭାବନାର
ଶହ ଶହ ପାଖୁଡ଼ା।
ସୂର୍ଯ୍ୟର ଉତ୍ତାପରେ ତରଳିଯାଏ ଜଡ଼ତା,
ଆଉ ପୁଣିଥରେ ଜୀବନ୍ତ ହୁଏ
ସ୍ୱପ୍ନ ଦେଖୁଥିବା ଗୋଟିଏ ଶାନ୍ତ ପୃଥିବୀ।
ସେ ଚିହ୍ନ କୁହେ, ବିଜୟ ସହଜରେ ଆସେନାହିଁ,
ପ୍ରତିଟି ନୂଆ ସକାଳ ପଛରେ ଥାଏ
ଏକ ଦୀର୍ଘ ସଂଗ୍ରାମର କ୍ଷତାକ୍ତ ଇତିହାସ।

ପୃଥିବୀର ଦେହରେ ସେହି କ୍ଷତ
ଚିହ୍ନକୁ ଧାରଣ କରି
ସୂର୍ଯ୍ୟ ଧୀରେ ଧୀରେ ହସେ,
ମଳିନ ପଡ଼ିଯାଏ ଦୁଃଖର ଛାଇ
ଆଉ ଜନ୍ମ ନିଏ
ଆଶାର ଏକ ନୂଆ ପୃଥିବୀ।
ନିଦ୍ରିତ ପୃଥିବୀର ପାଉଁଶିଆ ମୁହଁରେ
ସେ ସୂର୍ଯ୍ୟ ବୋଳିଦିଏ ଉଷ୍ମମ ଜୀବନ,
ଯେମିତି କଂସେଇ ଶାଳରୁ ବାହାରି ଆସିଥିବା
କୌଣସି ଅଜେୟ ଯୋଦ୍ଧାର ଖଣ୍ଡାଧାର।

+ନୋଟାରୀ,ଭଦ୍ରକ
ମୋ: ୯୩୩୭୬୨୩୬୮୫

## ତୋ ଆଖି
### ତପନ ସାହୁ



ତୋ ଆଖିକୁ ପାହାଚ କରି
ଉର୍ଦ୍ଧ୍ୱକୁ ଚଢ଼ିଲା ପରେ ମୁଁ ଏବେ ସ୍ୱର୍ଗରେ
ତୋ ପଲକ ପଡିଲେ ମୁଁ ହୁଏ ବାଟବଣା
ସେକଥା ତୁ ଠିକ୍ ଜାଣିଛୁ ବୋଲି
ତୋ ଆଖି' ଖୋଲା ରଖୁ ସବୁ ବେଳେ...!

ତୋ ଆଖି ମୋତେ
'କାମ' ଛାତିରେ ଚକା ମାଡ଼ି
ବସିବାର ସୂତ୍ର ବତାଏ
'କ୍ରୋଧ' ତଣ୍ଟିରେ ଛିଡ଼ା ହୋଇ ଶାନ୍ତି
ପ୍ରାର୍ଥନା କରିବାକୁ ଉସକାଉ ଥାଏ
'ମୋହ'କୁ ମୁହଁ ମୋଡ଼ି ଛିଡ଼ା
ହେବାର କୌଶଳ ଶିଖାଏ
'ମାୟା'କୁ ହାତମୁଠାରେ ରଖିବାର
ଯଜ୍ଞଟିଏ ରଚୁଥାଏ ବାରମ୍ବାର......!

ତୋ ଆଖିର ଇଶାରାରେ
ମୁଁ ପରଖି ପାରେ ସତ ଓ ମିଛକୁ
ବାରିପାରେ ସୁଗନ୍ଧ,ଦୁର୍ଗନ୍ଧ ନିଖୁଣ ଭାବରେ
ଦେଖିପାରେ ପାପ ଓ ପୁଣ୍ୟକୁ
ଖୋଲା ଆଖିରେ ସ୍ୱଷ୍ଟ ଭାବେ....!
ତୋ ଆଖି ଠାରରେ ଥାଏ
ଗର୍ବକୁ ସିଙ୍ଗିଲ ଡୋଜ୍‌ରେ ଚିର ନିଦ୍ରାରେ ଶୁଏଇ
ଦେବାର ଅଉକାତ୍
ଅହଙ୍କାରର ମୁଣ୍ଡ ଉପରେ
ତାଣ୍ଡବ କରିବାର ସାମର୍ଥ୍ୟ....!

କପଟ ପିଠିରେ ନୁହେଁ ଛାତିରେ
ବାରମ୍ବାର ଛୁରାଘାତ କରିପାରେ ମୁଁ
ଛଳନା ସହ ଛଅ ମାସ
ଲିଭିଙ୍ଗରେ ରହିଲା ପରେ
ବିନା କଷ୍ଟରେ କରିପାରେ ବ୍ରେକ୍-ଅପ୍.....!

ତୋ ଆଖି ଚିରକାଳ ଖୋଲା ଥାଉ ମୋ ପାଇଁ
ଏ ଇନ୍ଦ୍ରିୟଙ୍କ ଫାଶରୁ ମୁକୁଳିବା ଯାଏଁ.....!

+ ବେଲଗାଁ, ମ.ରାମପୁର
ମୋ: ୯୦୧୯୩୧୧୮୬୮

## ରୂପସୀ ଫୁଲର ହସ
### ପ୍ରଶାନ୍ତ କୁମାର ଦାଶ



ରୂପସୀ ଫୁଲର ହସ ସୁବାସରେ
ରାତି ହୁଏ ବସ୍ମାୟିତ
ମତେ ଶୁଭିଯାଏ ତୁମରି କଣ୍ଠର
ମିଠା ମତୁଆଲା ଗୀତ ।

କରି ମନୋହର କେଉଁ ଚିତ୍ରକର
ଗଢିଚି ତୂଳୀରେ ତାର
ତୁମକଥା ଭାବି ଆଖି ଦୁଇଟିରୁ
ଝରିଯାଏ ଲୁହଧାର ।

ଘନୀଭୂତ ମେଘ ପରି ଅନୁରାଗ
ତୋଳେ ମନେ ଶିହରଣ
ମଧୁର ଆଳାପ ମୋ ମନକୁ ଦିଏ
ଶ୍ରଦ୍ଧାସିକ୍ତ ମୋହପଣ ।

ତୁମେ ଲାଜ୍ୱତୀ ତୁମ ଅଧରରୁ
ଲାଜ ହସ ଯଦି ଖସେ
ଥାଇ ବହୁଦୂରେ ତାରା ଫୁଲ ମେଳେ
ରୁପାଜହ୍ନ କେତେ ହସେ ।

ରସ ରଙ୍ଗିନୀଗୋ ଅଭିମାନ ଛାଡି
ଛମ ଛମ ଯାଅ ନାଚି
ତୁମେତ ଆସିଲେ ପ୍ରୀତି ରାସ ହେଲେ
ଦୁଖରାତି ଯିବ ଘୁଞ୍ଚି ।।

ସାଧା କାଗଜରେ ଶବ୍ଦ ମାଧୁରୀରେ
ତୁମପାଇଁ ଲେଖେ ଚିଠି
ତାମସୀ ରାତିରେ ତୁମବିନା ସାଥୀ
ପାଏତ ଯାତନା ଏଠି ।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ଥୁଣ୍ଟା ଗଛର ସବୁଜ ସ୍ପୃହା
### ଶ୍ରୀମତୀ ସୁଲକ୍ଷଣୀ ସାହୁ



ପ୍ରଭାତି ଚିଇଁଚିଇଁ କଳରବକୁ
ଅନ୍ଧାର ଚାଦର ତଳେ ଘୋଡେଇ ଦେବା,
କିଟ୍ କିଟ୍ ଆକାଶ ଛାତି ଚିରି ଉଦୟ ଆଶରେ
ଥିବା ରଶ୍ମୀ ଗୁଡ଼ିକୁ
ବିଡା ବାନ୍ଧି ଲୁଚେଇଦେବା
ଦିଗବଳୟ ଆରପଟେ
ଆଲୁଅର ଲକ୍ଷେ ଆଖିରେ ଧୂଳି ଦେଇ
ଥାମିନେବା ତମସଚିକିଟା ବିଭୋର କଳା
ପାହାନ୍ତା ଆକାଶ ମୁହାଁ ତମାମ ନୟନେ
ବୋଲିଦେବା ସପନବୁଡା ନିଦମାଟି
ଖୋଜିବାନି କେଉଁ ନୂଆ ସହରରେ ପୁନେଇଁ
ଏଇ ଅମାବାସ୍ୟାରେ ଆଙ୍କିନେବା ଜହ୍ନଟେ
ତୋର ମୋର ମନ ଆକାଶକୁ
କାନଭାସ ସଜେଇ
ରାତି ରାଇଜରେ ଜିଇଁଥିବା ଯୁଗେ
ଆସନ୍ତା ମୃତ ସକାଳକୁ କାନି ଝାଡିଦେଇ।

+ଖରିଆର ରୋଡ,
ନୂଆପଡା।

## ଅନନ୍ତ ଅନ୍ୱେଷାରେ ଜୀବନ
### ଅନସୂୟା ପଣ୍ଡା



ହିସାବ ପାଉନି ଖୋଜି ଖୋଜି
କ'ଣ ଜୀବନର ନୀତି ନିୟମ
ସବୁ ଥିବା ଭିତରେ ପୁଣି ଗୋଟେ ଖାଲିପଣ
ସକାଳ ହାତରେ ବୁଣି ଦେଇଥାଏ
ଆଉ ଗୋଟେ ଖୁସିର ଦିନ
ଚାଙ୍ଗୁଡିଏ ସଜଫୁଲ ପକ୍ଷୀର ଗୁଞ୍ଜନ।

ତଥାପି ମୁଣ୍ଡ ପିଟୁଥାଏ ଅନ୍ୱେଷାରେ
ଗୋଟେ ବିକଳପଣ ତା' ଆଗରେ
ସବୁ କିଛି ଲାଗେ ଶୂନ୍ୟ ଶୂନ୍ୟ
କେମିତି ଗଢିଛ ଅନନ୍ତ ଜଗତ ପ୍ରଭୁ
ମନ ପାତ୍ର ହେଉନି ପୂରଣ
ଅନାବଶ୍ୟକ ଆହୁରି ଆହୁରି ଭିତରେ
ଭୋଗୁଥାଏ ଦୁଃଖ କଷଣ
ସିଝୁଥାଏ ପୋଡୁଥାଏ ଅତିଷ୍ଠ ଜୀବନ।

ଅବସୋସର ମିଶାଣ ଫେଡାଣରେ
ଜଳୁଥାଏ ଜୀବନ ଚୁଲି
ପୁନଶ୍ଚ ଆଗକୁ ଦଳି ଚକଟି
ପଡି ଉଠି ଯିବାର ଅଜବ ଉପକ୍ରମ
ସ୍ୱାର୍ଥର ପାଦରେ ନଇଁଯାଏ କାନ୍ଧ ପିଠି ମନ
ତଥାପି ଦ୍ୱାହି ଦିଏ ଆପଣାପଣ
ହଜାରେ ସପନ ଛୁଏଁ ଆଶା ଉପବନ
ଶତ ବାରଣ ସତ୍ତ୍ୱେ।

ଚାଲିଥାଏ ମୋହର ମହାକୁମ୍ଭରେ ମହାସ୍ନାନ
ପାପନାଶନର ମନ୍ତ୍ରଟିଏ ପଢି ସାରିବାପରେ
ହୋଇଯାଏ ଆଉ ଏକ ପାପର ଆଚମନ
କେତେବେଳେ ସେଇଠି ଆପଣା ଛାଏଁ
ପହଞ୍ଚି ସାରିଥାଏ ମନ
ଯେଉଁଠିକୁ ଯିବାକୁ ବାରଣ ଥିଲା
ସବୁ ପୂର୍ଣ୍ଣତା ଭିତରେ ଅପୂର୍ଣ୍ଣ ଏ ଜୀବନ।

+ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

## ସର୍ବଂସହା ତୁ ଧରଣୀ
### ଜେନା ପ୍ରଦୀପ



ସର୍ବଂସହା ତୁ ଧରଣୀ ମାଆ ଲୋ
ତୋର ମହିମା ଅପାର
ଦେଇଛୁ ଜନମ କରୁଛୁ ପାଳନ
ନକରି ତୁ ହତାଦର।
ବଇଶାଖ ଶୁକ୍ଳ ତୃତୀୟା ତିଥିରେ
କରି ନିରାଜନା ତୋତେ
ଅକ୍ଷିମୁଠି ବୁଣି ବିଲେ ଚଷାଭାଇ
ତୋ ପାଖରେ ହାତ ପାତେ
ସୁନାର ଫସଲେ ପୂରିଯାଉ କ୍ଷେତ
ହସିଉଠୁ ତାର ଘର।
ଦାରୁଦିଅଁଙ୍କର ଚନ୍ଦନ ଯାତରା
ଆରମ୍ଭ ହୁଏ ଏ ଦିନୁ
ଖେଳୁଥାନ୍ତି ଚାପ ମଦନମୋହନ
ପାସୋରି ହୁଏନା ମନୁ
ରଥ ନିର୍ମାଣ ହୁଏ ଅନୁକୂଳ
ଶିରୀକ୍ଷେତ୍ରେ ପ୍ରଭୁଙ୍କର।
ସ୍ୱର୍ଣ୍ଣ ଆଭୂଷଣ କିଣିଲେ ଏ ଦିନ
ଲକ୍ଷ୍ମୀ ଆସନ୍ତି ଘରେ
ପକ୍କା ବେପାରୀଙ୍କ ମିଛ ପ୍ରଚାରକୁ
ବୁଝନ୍ତିନି ମୂଢ ନରେ
ଲାଗେ ମୂଲ୍ୟହୀନ ମଣିଷ ଜୀବନ
ବଢିଚାଲେ ସୁନା ଦର ।

ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,
ମୋ - ୯୯୩୮୫୨୦୩୭୧

## ଜୀବନର ମାନେ....
### ପ୍ରେମାନନ୍ଦ ପାଣିଗ୍ରାହୀ



ଜୀବନର ମାନେ ନୁହେଁ ଆକାଶକୁ ଛୁଇଁବା
ଜୀବନର ମାନେ ଏଠି ମାଟି ସହ ମାଟି ହୋଇ
ସବୁଜ କ୍ଷେତରେ ସୁନା ଫଳାଇବା ।
ଜୀବନର ମାନେ ନୁହେଁ ଅନ୍ୟକୁ କନ୍ଦାଇବା
ଜୀବନର ମାନେ ଏଠି ଅମୃତ ବଚନ ଶୁଣାଇ
ଦୀନ ଦରିଦ୍ରଙ୍କ ମୁଖରେ ହସ ଖେଳାଇବା।
ଜୀବନର ମାନେ ନୁହେଁ ରକ୍ତର
ହୋରି ଖେଳିବା
ଜୀବନର ମାନେ ଏଠି ମୁମୂର୍ଷୁକୁ ରକ୍ତ ଦେଇ
ଅମୂଲ୍ୟ ଜୀବନକୁ ବଞ୍ଚାଇ ରଖିବା।
ଜୀବନର ମାନେ ନୁହେଁ ଲୋଭ,
ମୋହରେ ବୁଡ଼ିବା
ଜୀବନର ମାନେ ଏଠି ଧନ ସମ୍ପଦ ବାଣ୍ଟି
ଜ୍ଞାନୀ ଗୁଣୀର ଶିରିପା ବାନ୍ଧିବା।
ଜୀବନର ମାନେ ନୁହେଁ ପାଟିରେ
ମଧୁ ପେଟରେ ବିଷ ରଖି
ସରଳ ମନକୁ ଆସକ୍ତ କରିବା,
ଜୀବନର ମାନେ ଏଠି ସ୍ନେହ ସମ୍ଭାଷଣରେ
ଅନ୍ୟ ହୃଦୟକୁ ଜୟ କରିବା।

+ ଭୁଷଳ, ଭୁବନ,
ଢେଙ୍କାନାଳ

## ଯୁଦ୍ଧ ବିରତି
### ଅଳକା ରାୟ



ସତରେ ଏମିତି ଯୁଦ୍ଧ ବିରତି
ଦେଖିଛ ଅବା ଶୁଣିଛ କି
କେହି, କେବେ କେଉଁଠି!!
ଯାହାର ନାହିଁ କୌଣସି ସ୍ୱଷ୍ଟ
ରୂପରେଖ ଅବା ନୀତି!

ଯୁଦ୍ଧ ବିରତି ପରେ ବି ଚାଲିଛି
ଧ୍ୱଂସ ବିଧ୍ୱଂସର ତାଣ୍ଡବ ନିଇତି
ମହିଳା ଓ ଶିଶୁଙ୍କ ଧ୍ୱଂସ ସ୍ତୁପରୁ
ଖୋଜା ଚାଲିଛି କିଛି
ଆତଙ୍କିଙ୍କ ମୃତ ଦେହକୁ...

ଏପଟେ, ମଧ୍ୟସ୍ଥ ହାତରେ
ଅଲିଭ ଡାଳଧରି
ସୈନ୍ୟ ପଠାଉଛି ଯୁଦ୍ଧ କ୍ଷେତ୍ରକୁ
ଘଡିକେ ଘୋଡା ଛୁଟୁଛି
ଦ୍ୱନ୍ଦ୍ୱାତ୍ମକ ବୟାନ ବାଜିରେ
ବିଶ୍ୱ ଭ୍ରମାତ୍ମକ ସ୍ଥିତିରେ
ବୋଧହୁଏ ମାନବ ଶୃଙ୍ଖଳାକୁ ଡରି
ଭିନ୍ନ ଏକ ପଥରେ ଯୁଦ୍ଧ ତରି...

ସେରେନା ବିଫଳତା ପରେପରେ
ଯୋର ଯାର ମୂଳକ ତାର ନୀତିରେ
ନାକାବନ୍ଦୀ ହୋର୍ମୁଜ ପ୍ରଣାଳୀ
ଅଫ ଦ ପିପୁଲ୍ ବାଇ ଦ ପିପୁଲ୍ ।

ଫର ଦ ପିପୁଲ୍
ଆବ୍ରାହମ୍ ଲିଙ୍କନ ଏବେ
ବିଧ୍ୱଂସକରେ ସାମିଲ୍
ସେଣ୍ଟକମ୍ (ୟୁଏସ ସେଣ୍ଟ୍ରାଲ କମାଣ୍ଡ)ର
ଚରମ ବାଣି, ଉଡାଇଦେବୁ ଶତ୍ରୁକୁ
ଯୁଦ୍ଧ ବିରତିକୁ ଏଡାଇ, ହେଲେ
ପାରସ୍ୟ ଉପସାଗରରେ ଲାଲ ମହୁମାଛି
ଏବେ ଗରମ ହେଉଛି
ସଂକଟରେ ଯୁଦ୍ଧ ବିରତି!

+ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ମୁଁ ଏବେବି କୁଆଁରା ଅଛି
### ସିଦ୍ଧେଶ୍ୱର ତ୍ରିପାଠୀ

ମୁଁ ଏବେବି କୁଆଁରା ଅଛି
ଆସିବ ତ ଆସ
ଭୁଲିଯାଅ ସବୁ ପଛ କଥା

ନିରୋଳା ମୁହୂର୍ତ୍ତ ଆଉ ନିର୍ଜନସ୍ଥାନରେ
ଆମେ ଦୁହେଁ ଭାଙ୍ଗିବା
ବହୁ ବର୍ଷର ଯେତେ ନୀରବତା ।

ତୁମ କୋଳରେ ମଥା ରଖି
ଥରୁଟିଏ ଶୋଇଗଲା ପରେ
ତୁମେ କହୁଥିବ ମୁଁ ଶୁଣୁଥିବି
ଆଉ ତୁମେବି ବୁଝି ଯାଉଥିବ
ମୋ ମନକଥା ।

ବହୁଦିନର ମରୁଡି ପରେ
ଶ୍ରାବଣର ବର୍ଷା ଝରିଲା ପରି
ଝରି ଯାଉଥିବ ତୁମେ
ମୁଁ ସେମିତି ଚାହିଁ ରହିଥିବି
ତୁମ ଆଖିକୁ

ଗାଢ଼ ଆଲିଙ୍ଗନ ଆଉ ଦୁଇ ଓଠର
ନିବିଡ଼ତା ପରେ
ଆଉ ଆମ ଭିତରେ ନଥିବ
ସେ ଅତୀତର ବାଧା ବାହାନା
ଆଉ ସମାଜର ଡର ।

ଆଉ ତା ପରେ ଏ ପ୍ରେମ ଆବିଳତା
ମୋହ ଆଉ ମହୁଆ ସମୟ
ଏମିତି ଚାଲିଥିବ
ଆମ ସାଥେ ସଦା ନିରନ୍ତର ।

+କୁଣ୍ଡିଲୋ, ଖୋର୍ଦ୍ଧା

## ଅଦାଲତର ପତ୍ନୀ
### ଗଜାନନ ମିଶ୍ର



ମୋର ପତ୍ନୀ
ଅଦାଲତର ତାରିଖ,
ଆଉ ତାରିଖ।

ମୋର ପତ୍ନୀ
ଥାନା ଆଉ କଚେରୀ,
ଘୂରାଘୂରି।

ମୋର ପତ୍ନୀ
ମତେ ଖେଳେଇ
କନ୍ଦେଇ ମାରି
ବଂଚେଇ ବ୍ୟସ୍ତ
ଖୋଜିବାରେ ଶକ୍ତି
ଠୁଳ ଯୋଉଟା ମୋଠି!

ମୋର ପତ୍ନୀ
ପଳାଇ ରହିବ କାହିଁ?
ମୋ ବିନୁ ନାହିଁ
ଗତି ମୁକ୍ତି, ମୋର ପତ୍ନୀ।

+ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ସ୍ମୃତି ତୁମେ
### ସରସ୍ୱତୀ ମେହେର

ସ୍ମୃତି ତୁମେ ନୀରବ ରାତିର ଚନ୍ଦ୍ରମା
ଅନ୍ଧାର ମନର ଆଲୋକ
ସ୍ମୃତି ତୁମେ ବର୍ଷା ଭିଜା ମାଟିର ସୁଗନ୍ଧ
ପ୍ରଥମ ପ୍ରେମର ପଥିକ ।
ସ୍ମୃତି ତୁମେ ଶୈଶବର ବାଲିଘର
ମାଟି ରେ ଗଢା ରାଜମହଲ
ଆକାଶର ଅସୀମ ତାରା ଗଣନାର
ତୁମେ ସାକ୍ଷୀ ପ୍ରତ୍ୟକ୍ଷର ।
ସ୍ମୃତି ତୁମେ ମାଆର ପରଶରେ
ଖୋଜେ ନିଜକୁ ସୁରକ୍ଷିତ
ସ୍ମୃତି ତୁମେ ଗତ କାଲିର ଅମୂଲ୍ୟ
ଉପହାରରେ ପରିଗଣିତ ।
ସ୍ମୃତି ତୁମେ ବିଚ୍ଛେଦର ଧୂସର ସନ୍ଧ୍ୟା
ସୂର୍ଯ୍ୟାସ୍ତ ରେ ଲୁଚି ଥିବା ଯନ୍ତ୍ରଣା
ସମ୍ପର୍କ ଶେଷ ହେଲା ପରେ ରହିଲା
ଅନୁଭୂତି ର ଠିକଣା ।
ସ୍ମୃତି ତୁମେ ଜୀବନର ମୂଲ୍ୟବାନ
ଅଭୁଲା ଦିନର ଇତିହାସ
ସ୍ମୃତି ତୁମେ ସୁଖର ମଳୟ ପବନ
ଦୁଃଖ ର ବିଳାପ ଝାଞ୍ଜି ବତାସ ।

+ଯୋଗିବାହାଲ,
ସିନାପାଲି,ନୂଆପଡ଼ା

## ଯାହାସବୁ ଘଟୁଛି
### ମୋହନ କୁମାର ସ୍ୱାଇଁ

ଯିଏ ଥିଲା ପାଞ୍ଚତାଲା ଘରଟିଏ କରିକି
ହୋଇଗଲା ସବୁଧନ ମୂଲ୍ୟହୀନ ପରିକି
ଛାଡ଼ିଦେଇ ଚାଲିଗଲେ ନିଜ ଗାଡ଼ି ମଟର
ସବୁକିଛି ଘଟିଗଲା କେଇଦିନେ ମାତର ।

ପଡୋଶୀବି ଧରିଲେନି ପଡୋଶୀଙ୍କ ହାତକୁ
ଛାଡ଼ିଦେଇ ଚାଲିଗଲେ ହାଣ୍ଡିଶାଳ ଭାତକୁ
ବିଳାସ ବ୍ୟସନ କୋଠା ଧୂଳିସାତ ହୋଇଲା
ଜୀବନ ବିକଳେ କିଏ କେଉଁଆଡେ ଧାଇଁଲା ।

କେତେ ପୁରୁଷର ମାତୃଭୂମି ହେଲା ଅଲୋଡା
ବତିଶ ଲକ୍ଷ୍ୟ ଜନତା ହୋଇଗଲେ ଭଗୋଡା
ବଞ୍ଚି ରହିଥିଲେ ସିନା ନୀଡ଼ ଟିଏ ରଚିବ
ପେଟରୁ ବାଳକାହେଲେ ସେଇଥିରୁ ସଂଚିବ।

ସଂସାରର ମୁଖ୍ୟ ଯଦି ଅହଙ୍କାରୀ ହୋଇବ
ନିଜ ସହ ଆନର ବି ବିନାଶ ସେ କରିବ
ଇତିହାସ ସାକ୍ଷୀ ହୋଇ ଅନେଇକି ବସିଛି
ଗୋଟି ଗୋଟି ଲେଖିଦେବ ଯାହା ସବୁ ଘଟୁଛି।

+ବେଣାପୁର,
କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## ପ୍ରେମିକା ବିନା
### ପ୍ରତିଭା ଦାଶ



ମୋ ପ୍ରେମିକା ବିନା ଲାଗେ ନିଛାଟିଆ
ଖୋଜେ ମୁଁ ତା'ର ସରଧା
ହୃଦୟ ଝରକା କରିଛି ମୁଁ ଖୋଲା
ଆସୁନି ଜମାରୁ ସୁଦ୍ଧା ।

ପ୍ରେମ ସମୁଦ୍ରରେ ପହଁରୁଛି ମୁଁ ଯେ
ବିନା ସମର୍ଥନେ ତା'ର
ପରଶ ତାହାର ପାଇବାକୁ ଥରେ
ଛଟପଟ ମନ ମୋର ।

ହୃଦୟେ ଜାଳିଛି ପ୍ରେମର ପ୍ରଦୀପ
ରଖିବାକୁ ତା'ର ସ୍ମୃତି
ଅନ୍ଧାର ରାତିରେ ଜାବୁଡ଼ି ଧରେ ମୁଁ
ଅପାସୋରା ପ୍ରେମ ପ୍ରୀତି ।

ଗଭାରେ ଗଜରା ପାଦରେ ଅଳତା
ସଜେଇ ଆସିବ ଦିନେ
ପୁନେଇ ରାତିରେ କପାଳ ଟିକିଲି
ଲାଗିବ ଜହ୍ନ ସେଦିନେ ।

ସମ୍ପର୍କର ଡୋରି ବନ୍ଧା ହୋଇଅଛି
ମନ ଅନ୍ତର ଭିତରେ
ସପନର ରାଣୀ ବାସ୍ତବ ଜୀବନେ
ଆସିବ କେବେ ସତରେ ।

+ ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବୈଠକ: ରାଜ୍ୟ ସଂଘର ନେତୃତ୍ୱ ଉପରେ ଅସନ୍ତୋଷ

ଜୟପୁର, ୨୦/୦୪ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଦାବି ପୂରଣ ନ ହେବା ଦ୍ୱାରା ଅମଲା ମାନେ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ବେଳେ ରାଜ୍ୟ ସଂଘ ଏଥି ପ୍ରତି ଦୃଷ୍ଟି ନଦେଇ ନିଜ ନିଜ ସ୍ୱାର୍ଥରେ ରହୁଥିବା ନେଇ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାରମ୍ବାର ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଫଳ ଶୁନ ବୋଲି ସମସ୍ତେ ମତ ଦେଇଥିଲେ । ଓଡ଼ିଶା ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲାରେ କରିବା ନିମନ୍ତେ ଓଡିଶା ଅମଲା ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ବାରମ୍ବାର ଦାବି କରୁଥିବାରୁ ତାଙ୍କ ବିରୋଧରେ ରାଜ୍ୟ ସଂଘର କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ତୀବ୍ର ନିନ୍ଦା କରିବା ସହିତ ଏହାର ଦୃଢ଼ ପ୍ରତିବାଦ କରାଯିବା ନେଇ ସମସ୍ତେ ମତ ଦେଇଥିଲେ । ଯେହେତୁ ଶଶୀଭୂଷଣ ଦାଶଙ୍କୁ ଅତିରିକ୍ତ ସାଧାରଣ ସମ୍ପାଦକ ଭାବେ ଗୃହ ବିଭାଗ ସ୍ୱିକୃତି ଦେଇଛନ୍ତି ରାଜ୍ୟ ସଂଘ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେନି ବୋଲି ଶ୍ରୀ ଦାଶ୍ ମତ ଦେଇଛନ୍ତି । ଏ ନେଇ ରାଜ୍ୟ ଗୃହ ସଚିବ ଓଡ଼ିଶାଙ୍କୁ ଚିଠି ଲେଖି କୋରାପୁଟ ଆଦିବାସୀ ସଂଗ୍ରାହଳୟ ଠାରେ ତା ୨୩.୦୫.୨୦୨୬ ଓ ୨୪.୦୫.୨୦୨୬ ରିଖ ଦିନ ତ୍ରୟବାର୍ଷିକି ସମ୍ମିଳନି କରିବା ନିମନ୍ତେ ଅନୁମତି ନେବା ନେଇ ସୂଚନା ଦେଇଥିଲେ । ରାଜ୍ୟ ସଂଘ ନେତୃବୃନ୍ଦଙ୍କ ମନମୁଖୀ ଶାସନ ଓ ଆକ୍ରୋଶମୂଳକ ମନୋଭାବକୁ ସମସ୍ତେ ନିନ୍ଦା କରିବା ସହିତ ତାଙ୍କ ବିରୁଦ୍ଧରେ ବିଭିନ୍ନ ଜିଲ୍ଲାରେ ଆନ୍ଦୋଳନ ହେବ ବୋଲି ମତ ପ୍ରକାଶ ପାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଅମଲା ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ସଭାପତି ଜଗନ୍ନାଥ ମାଝୀ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ସାଙ୍ଗଠନିକ ସମ୍ପାଦକ କୈଳାଶ ସାମନ୍ତରାୟ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉପ ସଭପତି ସଞ୍ଜୟ କୁମାର ରଥ, ଯୁଗ୍ମ ସମ୍ପାଦିକା ସୁଜାତା ମହାପାତ୍ର, ବରିଷ୍ଠ ସଦସ୍ୟ ତ୍ରିନାଥ ପଣ୍ଡା, ସଂଯୁକ୍ତା ନାୟକ, ବାଳ ଗୋପାଳ ମିଶ୍ର, ରଜନିକାନ୍ତ ଘଡ଼େଇ ଓ ସୁଦର୍ଶନ ସାହୁଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅମଲା ଉପସ୍ଥିତ ରହି ଉଦବେଗ ପ୍ରକାଶ କରିଥିଲେ ।

# ଆଜାଦ୍ କ୍ଲବ ପକ୍ଷରୁ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଂଟ: ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୦/୦୪ (ନି.ପ୍ର): କେନ୍ଦ୍ରାପଡା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଏକ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଂଟର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜାଦ୍ କ୍ଲବ ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ସେକ ଲିୟାକତ ଅଲ୍ଲୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ ଦ୍ୱାରା କେନ୍ଦ୍ରାପଡାର ଯୁବକମାନଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ବୃଦ୍ଧି ସହ ଫୁଟବଲ ଖେଳରେ ଜିଲ୍ଲାରେ ଅନେକ ପ୍ରତିଭାବାନ କ୍ରୀଡାବୀତ ସୃଷ୍ଟି ହୋଇପାରିବେ। ସମ୍ମାନିତ ଅତିଥି ଭାବେ ଡାକ୍ତର ସାମୀ ସଲିମ ଓ କୃଷକନେତା ମହମ୍ମଦ ଅନୱାର ଅଲ୍ଲୀ ଯୋଗଦେଇ ଏହି ପ୍ରତିଯୋଗିତାର ଆୟୋଜନ ଫଳରେ କ୍ରୀଡାବିତଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଫୁଲବାଣୀର ଜେଡି କ୍ଲବ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ୩-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ରେ ଝାଡଖଣ୍ଡର କୋଲହାନ ସକ୍କର ଏକାଡେମୀ କେନ୍ଦ୍ରାପଡା ୧୧ଷ୍ଟାରକୁ ଭେଟିଥିଲା। ଉପସଭାପତି ମୀର ବକ୍କାଉଲ୍ଲା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମ୍ୟାଚକୁ ରେଫରୀ ଭାବେ ଶିବାନୀ ରାଜପୁତ, ଦେବଜାନୀ ମଣ୍ଡଳ, ଉମା ବାରୋହୀ ଓ ବନ୍ଦନା ବୋଷ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଚମ୍ପିୟନ ଦଳକୁ ଚମ୍ପିଅନସ ଟ୍ରଫି ସହ ୬୧ହଜାର ଟଙ୍କା ଓ ରନର୍ସଅପ ଦଳକୁ ରନର୍ସଅପ ଟ୍ରଫି ସହ ୪୧ହଜାର ଟଙ୍କା ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ ମାଲ୍ଲିକ, ବାସା ଖାଁ, ମତଲୁବ ନୁରାନି ଖାନ, ସେକ ନସିରୁଦ୍ଦିନ, ସେକ ରାଜନ, ସେକ କାମିଲ, ରାକେଶ ମହାପାତ୍ର, ପ୍ରଦୀପ ବେହେରା, ସେକ ନଫିସ ଅହେମ୍ମଦ, ସେକ ସଫାତୁଲ୍ଲା, ସେକ ସିରହାନ ଅଲ୍ଲୀ, ମହମ୍ମଦ ଆୟାଜ, ମହମ୍ମଦ ଆମୀର, ଅବଦୁଲ ମଜିଜ, ମୀର ୟାସିର, ସେକ ପରୱେଜ୍ ଅହେମ୍ମଦ, ଫୁରକାନ ଖାଁ, ଟିକା ଖାନ୍, ସେକ ଅମୀର ଅହେମ୍ମଦ, କଲିମ ଖାନ୍, ନୁର ଖାନ, ସୟଦ ଅହେସାନ ଅଲ୍ଲୀ, ସିପୁନ ଖାନ, ସେକ ବୁରଖାନ, ଆଝାରୁଦ୍ଦିନ ଖାନ, ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଜାମାବାହାଲ ଛକରେ କୁନୁ ହତ୍ୟା ମାମଲା: ପୁଣି ଦୁଇ ଗିରଫ

ସମ୍ବଲପୁର, ୨୦/୦୪ (ନି.ପ୍ର): ରେଙ୍ଗାଲି ଥାନା ପୋଲିସ ଦ୍ୱାରା ପୁରୁଣା ବସ୍ତିର ସୌମ୍ୟ ରଞ୍ଜନ ବିଶ୍ୱାଳ ଓରଫ୍ କୁନୁ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ପ୍ରମୁଖ ଅଭିଯୁକ୍ତ ପୁରୁଣା ବସ୍ତିର ଚିନ୍ତାମଣି ବାଗ (୪୬) ଏବଂ କନ୍ଧେଇକେଲା ଗ୍ରାମର ପ୍ରତାପ ପାଧାନ (୨୬) । ସୂଚନାଯୋଗ୍ୟ ୨୦୨୬ ଏପ୍ରିଲ ୫ ତାରିଖରେ ଏହି ଜାମବାହାଲ ଛକରେ ଘଟିଥିଲା ଏକ ଚାଂଚଲ୍ୟକର ହତ୍ୟାକାଣ୍ଡ । ଏ ସମ୍ପର୍କରେ ପୋଲିସ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଜୋରଦାର ତନାଘନା କରି ମାତ୍ର ୩ ଦିନ ମଧ୍ୟରେ ତଥା ୨୦୨୬ ଏପ୍ରିଲ ୮ ତାରିଖରେ ୪ ଜଣ ସହ-ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜିର ୨ ଜଣ ଗିରଫ ହେବା ପରେ ଏହି ହତ୍ୟାକାଣ୍ଡ ମାମଲାର ସମସ୍ତ ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି ବୋଲି ଥାନା ସୂତ୍ରରୁ କୁହାଯାଇଛି । ଏହି ହତ୍ୟାକାଣ୍ଡର ପ୍ରାଥମିକ ତଦନ୍ତରେ ହସ୍ତଗତ ସୂଚନାନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ପ୍ରତିପକ୍ଷଙ୍କୁ ଟାର୍ଗେଟରେ ରଖିଥିବା ବେଳେ ହଠାତ୍ ଉଭୟ ପକ୍ଷ ମୁହାଁମୁହିଁ ହେବା ପରେ ମରଣାନ୍ତକ ଆକ୍ରମଣର ଶିକାର କୁନୁର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଆଜି ଗିରଫ ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଏସଡିଜେଏମ୍ କୋର୍ଟକୁ ଚାଲାଣ କରିଛି ।

# ତଦନ୍ତ ଆରମ୍ଭ କଲା ଜିଲ୍ଲା ପ୍ରଶାସନ

ଜୟପୁର, ୨୦/୦୪ (ନି.ପ୍ର): ବରିଷ୍ଠ ନାଗରିକଙ୍କୁ ଠକିବା ପଡ଼ିବ ମହଙ୍ଗା । ଇଚ୍ଛା ମୃତ୍ୟୁ ଆବେଦନ ପରେ ଗମ୍ଭୀରତାକୁ ନେଲା ଜିଲ୍ଲା ପ୍ରଶାସନ । ଆରମ୍ଭ ହେଲା ତଦନ୍ତ ପହଂଚିଲା ତଦନ୍ତ କରି ଟିମ୍ । ବୋରିଗୁମ୍ମା ବ୍ଲକରେ ବରିଷ୍ଠ ନାଗରିକ ତଥା ପୂର୍ବତନ ସରପଂଚଙ୍କ ଠିକା କାମର ପ୍ରାପ୍ୟ ଟଙ୍କା ଅନ୍ୟ ଜଣେ ଠିକାଦାରକୁ ପ୍ରଦାନ କରାଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ସତ୍ୟାସତ୍ୟର ତଦନ୍ତ କରିବାରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବୋରିଗୁମ୍ମାରେ ପହଂଚିଛି । କୋରାପୁଟ ଏପିଡି ଗଣେଶ୍ୱର କଅଁରଙ୍କ ନେତୃତ୍ୱରେ ଆସିଥିବା ଦଳ ତଦନ୍ତ କରିଥିଲେ। ବେଣାସୁର ପଂଚାୟତର ବରିଷ୍ଠ ନାଗରିକ ନିରଞ୍ଜନ ତ୍ରିପାଠୀ ୨୦୨୩-୨୪ ଆର୍ଥିକ ବର୍ଷରେ ୫-ଟି ଅଧୀନରେ ମନରେଗା ଯୋଜନାରେ ବାଘଭଦ୍ରା ଉଚ୍ଚବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ କରିଥିଲେ। କାମ ବାବଦକୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ଭେଣ୍ଡର ନିକଟକୁ ଟଙ୍କା ଆସିଥିଲା। କିନ୍ତୁ ଉକ୍ତ ଟଙ୍କା ଶ୍ରୀ ତ୍ରିପାଠୀଙ୍କୁ ପ୍ରଦାନ କରାନଯାଇ ଅନ୍ୟ ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ମନରେଗାରେ କାମ କରିବା ସତ୍ତ୍ୱେ ଟଙ୍କା ନ ମିଳିବାରୁ ଗତ ଦିନରେ ଶ୍ରୀ ତ୍ରିପାଠୀ ନିରାଶ ହୋଇ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ଭେଟି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବା ମିଥ୍ୟା ଦସ୍ତଖତ ଓ ପିସି କାରବାରର ତଦନ୍ତ ଦାବି କରିଥିଲେ। ଶୁକ୍ରବାର ତଦନ୍ତକାରୀ ଦଳ ବ୍ଲକ କାର୍ଯ୍ୟାଳୟରେ ପହଂଚି କେଉଁ ଫାଇଲ ଖୋଲା ଯାଇ କାମ କରାଯାଇଛି ତାହାର ଅନୁଧ୍ୟାନ କରିଥିଲେ।

# ବିକାଶ ଓଡ଼ିଶା ସମ୍ମାନ ୨୦୨୬: ଭୁବନେଶ୍ୱରରେ ଭବ୍ୟ ଆୟୋଜନ

କେନ୍ଦୁଝର, ୨୦/୦୪ (ନି.ପ୍ର): ବିକାଶ ଓଡିଶା ସମ୍ମାନ ୨୦୨୬" ଏବେ ରାଜ୍ୟରେ ଏକ ପ୍ରମୁଖ ସାମାଜିକ ଓ ପ୍ରେରଣାଦାୟକ ଅଭିଯାନ ଭାବେ ପରିଚିତ ହେଉଛି। 'ହେଲ୍ପିଙ୍ଗ ହ୍ୟାଣ୍ଡସ୍' ଓ 'ନ୍ୟୁଜ୍ ୧୬' ପକ୍ଷରୁ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆଜି ଗମ୍ଭୀର ଓ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମର ଶୁଭାରମ୍ଭ ମା' ତାରିଣୀଙ୍କ ଆଶୀର୍ବାଦ ସହ ଦୀପ ପ୍ରଜ୍ୱଳନ ମାଧ୍ୟମରେ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ସେଥିପାଇଁ ମଂଚରେ ପୂର୍ବତନ ବିଧାୟକ ଓ ବରିଷ୍ଠ ନେତା ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଓ ପ୍ରସିଦ୍ଧ ଅଙ୍କୋଲୋଜିଷ୍ଟ ଡା. ମଧ୍ୱାନନ୍ଦ କର, 'ଉଦୟ ଇଣ୍ଡିଆ ନ୍ୟୁଜ୍'ର ସମ୍ପାଦକ ଶ୍ରୀ ଦୀପକ କୁମାର ରଥ, 'ନ୍ୟୁଜ୍ ୧୬'ର ପ୍ରତିଷ୍ଠାତା ଓ ସମ୍ପାଦକ ଶ୍ରୀ ଗତି କୃଷ୍ଣ ଦାସ ଏବଂ 'ନ୍ୟୁଜ୍ ଅଫ୍ ତାରିଣୀ'ର ସମ୍ପାଦିକା ଶ୍ରୀମତୀ ସୁଚିସ୍ମିତା ମହାନ୍ତ ଉପସ୍ଥିତ ଥିଲେ।

ଏହି ଅବସରରେ ଓଡ଼ିଆ ସମ୍ବାଦପତ୍ର 'ନ୍ୟୁଜ୍ ଅଫ୍ ତାରିଣୀ'ର ଶୁଭ ଲୋକାର୍ପଣ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ କରକମଳରେ ହୋଇଥିଲା। ଏହି ପତ୍ରିକା ଓଡ଼ିଆ ଭାଷା, ସଂସ୍କୃତି ଓ ଜନସେବା ମୂଳକ ସମ୍ବାଦକୁ ପ୍ରଚାର କରିବାକୁ ନିର୍ଦ୍ଦେଶିତ। ଏହାର ସ୍ଲୋଗାନ୍ "ଆଜିର ଖବର, ଆଗାମୀର ଦୃଷ୍ଟି" ରହିଛି।

କାର୍ଯ୍ୟକ୍ରମର ଅଂଶ ଭାବେ "ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକଶିତ ଓଡିଶା ୨୦୩୬" ବିଷୟରେ ଏକ ହେଲ୍ଥ କନକ୍ଲେଭ୍ ଆୟୋଜିତ ହୋଇଥିଲା। ଏହାର ଅଧ୍ୟକ୍ଷତା ଡା. ମଧ୍ୱାନନ୍ଦ କର କରିଥିଲେ ଓ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଗକୁ ନେବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

ସେହିପରି "ବିକଶିତ ଓଡିଶା ୨୦୩୬ ପାଇଁ ଶିକ୍ଷା ଓ ମିଡିଆର ଭୂମିକା" ବିଷୟରେ ଆୟୋଜିତ ଅନ୍ୟ ଏକ କନକ୍ଲେଭରେ ଶିକ୍ଷାବିଦ୍ ଓ ମିଡିଆ ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ।

ଏହା ପରେ କାର୍ଯ୍ୟକ୍ରମର ସବୁଠୁ ମୁଖ୍ୟ ଅଂଶ "ବିକାଶ ଓଡିଶା ସମ୍ମାନ ୨୦୨୬" ପ୍ରଦାନ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ସମାଜସେବା, ମିଡିଆ, ଉଦ୍ୟୋଗ, କଳା ଓ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରରେ ନୀରବରେ କାମ କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ଏହି ମଂଚରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଓଡିଶାର ବିକାଶ ଯାତ୍ରାକୁ ଆଉ ଏକ ନୂଆ ଦିଗ ଦେଇଛି ବୋଲି ମତ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି ହିଁ ବିକଶିତ ଓଡିଶା ୨୦୩୬ର ମୂଳ ଆଧାର ବୋଲି ଅତିଥିମାନେ କହିଛନ୍ତି।

ଶେଷରେ 'ହେଲ୍ପିଙ୍ଗ ହ୍ୟାଣ୍ଡସ୍' ଓ 'ନ୍ୟୁଜ୍ ୧୬' ପକ୍ଷରୁ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଯାଇଥିଲା।

# ହଜିଯାଇଥିବା ୧୧୪ ମୋବାଇଲ ଉଦ୍ଧାର

ସମ୍ବଲପୁର, ୨୦/୦୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ କ୍ରମେ ବିଭିନ୍ନ ସ୍ଥାନରୁ ହଜିଯାଇଥିବା ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର କରାଯାଇଛି। ସମୁଦାୟ ୧୧୪ଟି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଏକ 'ମୋବାଇଲ୍ ହ୍ୟାଣ୍ଡଓଭର ମେଳା' ମାଧ୍ୟମରେ ଉଦ୍ଧାର ମୋବାଇଲ ଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ କାଗଜାତ ଯାଂଚ୍ ପରେ ହସ୍ତାନ୍ତର କରାଯାଇଛି । ପୋଲିସ ପ୍ରଶାସନର ସୂତ୍ର ଅନୁଯାୟୀ ଉଦ୍ଧାର ମୋବାଇଲ ଗୁଡ଼ିକ କୌଣସି ଚୋରି ମାମଲା ନୁହେଁ, ବିଭିନ୍ନ ସମୟରେ ଲୋକଙ୍କ ଅସାବଧାନତା ଯୋଗୁଁ ହଜିଯାଇଥିବା ମୋବାଇଲ୍ । ସେଥିପାଇଁ ଏହି ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ। ସାଇବର ପୋଲିସ ଷ୍ଟେସନ ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଅଭିଯୋଗକୁ ଆଧାର କରି ପୋଲିସକୁ ଏହି ସଫଳତା ମିଳିଛି। ସମ୍ବଲପୁର ପୋଲିସର ଏଭଳି ନିରନ୍ତର ପ୍ରୟାସକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ଏହି ଫୋନ୍ ଗୁଡ଼ିକ ଉଦ୍ଧାର କରାଯାଇଥିବା ବେଳେ ଏଥି ମଧ୍ୟରେ ଅଇଁଠାପାଲି ଥାନା ଅଂଚଳରୁ ସର୍ବାଧିକ ୨୫ଟି, ବୁର୍ଲା ଥାନାରୁ ୧୯ଟି, ଟାଉନ୍ ଥାନାରୁ ୧୨ଟି, କୁଚିଣ୍ଡା ଥାନାରୁ ୮ଟି ଏବଂ ଧନୁପାଲି ଥାନା ଅଂଚଳରୁ ୬ଟି ମୋବାଇଲ୍ ସମେତ ଅନ୍ୟାନ୍ୟ ଥାନାରୁ ମଧ୍ୟ ଫୋନ୍ ଉଦ୍ଧାର ହୋଇଛି। ହଜିଯାଇଥିବା ଫୋନ୍ ଫେରି ପାଇବା ପରେ ମାଲିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ଏବଂ ସେମାନେ ସମ୍ବଲପୁର ପୁଲିସର ଏହି ନିରନ୍ତର ପ୍ରୟାସକୁ ପ୍ରଶଂସା କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ଯେ, ଯଦି କୌଣସି ବ୍ୟକ୍ତିଙ୍କ ମୋବାଇଲ୍ ହଜିଯାଏ, ତେବେ ତୁରନ୍ତ ପୋର୍ଟାଲରେ ଅଭିଯୋଗ କରନ୍ତୁ । ଯଦ୍ୱାରା ଠିକ୍ ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

# ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ଆସର ଓ ଓଡ଼ିଆ ନବବର୍ଷର ବନ୍ଧୁମିଳନ ପର୍ବ ଅନୁଷ୍ଠିତ



କଟକ, ୨୦/୦୪ (ନି.ପ୍ର): ଦୀର୍ଘ ପଚାଶବର୍ଷର ସମ୍ଭ୍ରାନ୍ତ ସାରସ୍ୱତ ଅନୁଷ୍ଠାନ 'ଚୌଦ୍ୱାର ସାହିତ୍ୟ ସଂସଦ' ପକ୍ଷରୁ ଏବର୍ଷ ବିଷୁବ ଆସର ଓ ଓଡିଆ ନବବର୍ଷର ବନ୍ଧୁମିଳନ ପର୍ବ,ଶ୍ରମିକ ପରିବାର ଯୁବକ ସଂଘ ପ୍ରାଙ୍ଗଣ, ରାଧାମୋହନ ଛକ, ଓଟିଏମ୍ କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଶିଷ୍ଟ ଗୀତିକବି ମନୋଜ ପଟ୍ଟନାୟକ, ବିଶିଷ୍ଟ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ଲବ୍ଧପ୍ରତିଷ୍ଠ ରମ୍ୟ-ବ୍ୟଙ୍ଗ ସ୍ରଷ୍ଟା ଓ ସ୍ତମ୍ଭକାର ରାଧାଶ୍ୟାମ ରାଉଳ୍ ରେଣ୍ୟ ଅତିଥିରୂପେ ଯୋଗ ଦେଇଥିଲେ। କବି ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଉମାକାନ୍ତ ପୂଜାରୀ, ଆଦିକନ୍ଦ ବିହାରୀ,ରଘୁନାଥ ସ୍ୱାଇଁ, ପାନନ ବେହେରା,ଶୁକ ଦେଇ, ଜ୍ୟୋସ୍ନାରାଣୀ ପାଣି, ସୌମ୍ୟଜିତ୍ ପାଣି, ରେଣୁବାଳା ସ୍ୱାଇଁ, ଜ୍ୟୋତିଶଙ୍କର ମିଶ୍ର, ଅଜିତ୍ କୁମାର ଦାଶ,ନିରଞ୍ଜନ ବେହେରା, ବୀଣାପାଣି ଦାଶ, ସ୍ମୃତିଶ୍ରୀ ଜଗଦେବ, ନାରାୟଣ ଜେନା, ଅକ୍ଷୟ ଫଗୁଣ, ପ୍ରାଚୀ ସାହୁ ପ୍ରମୁଖଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସଂସଦର ସମ୍ପାଦକ ବିଶିଷ୍ଟ ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ସହ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର, ସଦସ୍ୟ ପବିତ୍ରମୋହନ ସାହୁ,ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରମିକ ପରିବାର ଯୁବକସଂଘର ସଭାପତି, କୈଳାସଚନ୍ଦ୍ର ସାହାଣୀ, ବଳରାମ କର, ଶରତକୁମାର ଖୁଣ୍ଟିଆ, ମାନସରଞ୍ଜନ ସାମଲ, ଲକ୍ଷ୍ମୀଧର ଖୁଣ୍ଟିଆ, ନିକୁଞ୍ଜବିହାରୀ ପଣ୍ଡା, ଡ଼. ମମତା ସାହୁ, ବୈଷ୍ଣବଚରଣ ପ୍ରଧାନ,ବିଡି ବର୍ଦ୍ଧନ, ନାରାୟଣ ସ୍ୱାଇଁ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦିକା ଆଇନଜ୍ଞୀ ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳନ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୨୦/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଗାଁ ସାଥୀ ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ସ୍ଥାନୀୟ ବିଜୁପଟ୍ଟନାୟକ ଶିଶୁ ପାର୍କ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇ ଅଛି। ସଂଘର ଆବାହକ ଶ୍ରୀ ମନୋଜ କୁମାର ପଟେଲ ଙ୍କ ସଂଯୋଜନା ରେ ଗାଁ ସାଥୀମେଟ ସଂଘ ହରିଚନ୍ଦନପୁରର ଉପଦେଷ୍ଟା ପ୍ରସନ୍ନ କୁମାର ନାଏକ ସଭାପତିତ୍ୱ କରିଥିଲେ। ଆସନ୍ତା ମେ ମାସ ୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନର ବିଭିନ୍ନ ଦିଗକୁ ତର୍ଜମା କରି ପୂର୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀରମୋହନ ନାଏକ ମୁଖ୍ୟବକ୍ତା ସଦର ବିଧାନସଭା ସଂଯୋଜକ ତଥା ବିଶିଷ୍ଟ ଶ୍ରମିକ ନେତା ଶ୍ରୀଯୁକ୍ତ ବିବେକାନନ୍ଦ ମହାନ୍ତ ସମ୍ମାନିତ ଅତିଥି ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଶୁକଦେବ ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ସରପଂଚ ଉପରଡିହା, ଘଟଗାଁ ଅର୍ଣ୍ଣପୂର୍ଣ୍ଣା ଦେହୁରୀ ଓ ଆଇନଜୀବୀ ଯତୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦାନ କରିବା ନେଇ ସହମତି ପ୍ରକାଶ କରିଥିବା ସୂଚନା ପ୍ରଦାନ କରିଛନ୍ତି। ବୈଠକ ରେ ହରିଚନ୍ଦନପୁର, ବାଂଶପାଳ, ସଦର, ଝୁମ୍ପୁରା, ଘଟଗାଁ ଓ ସାହାରପଡା ବ୍ଲକର ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ର ରୂପରେଖ ଉପସ୍ଥାପନ କରି ଗୃହିତ କରାଯାଇ ଥିଲା। ବୈଠକ କୁ ଶ୍ରୀ ଲକ୍ଷ୍ମଣ ମହାକୁଡ, ଜଗବନ୍ଧୁ ସର୍ଦ୍ଦାର, ରଞ୍ଜିତା ନାଏକ, ମମତା ନାଏକ, ଦମୟନ୍ତୀ ମହାନ୍ତ ,ଦୁର୍ଯ୍ୟୋଧନ ନାଏକ, ଶିବ ଚରଣ ନାୟକ, ଦୁର୍ଯ୍ୟୋଧନ ମହାପାତ୍ର ନିଳିମା ପାତ୍ର କୋମଳ ନାଏକ, ସାଧୁଚରଣ ଜୁଆଙ୍ଗ ରାଜେନ୍ଦ୍ର ପୁହାଣ ପ୍ରମୁଖ ଅନ୍ୟାନ୍ୟ ନେତୃବୃନ୍ଦ ବୈଠକ ରେ ଉପସ୍ଥିତ ରହିଥିଲେ।

# ଜୟପୁରରେ ସିଓ୍ୱା ଅନୁଷ୍ଠାନର ମହିଳା ଶାଖା ଦ୍ୱାରା ମେଗା ରକ୍ତଦାନ ଶିବିର ଆୟୋଜିତ

ଜୟପୁର, ୨୦/୦୪ (ନି.ପ୍ର): ଜୟପୁରର ଶ୍ରୀ ଅଗ୍ରସେନ ଭବନ ଠାରେ ସିଓ୍ୱା ଅନୁଷ୍ଠାନର ମହିଳା ଶାଖା ଦ୍ୱାରା ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହେଇଥିଲା। ଏହି ଶିବିରରେ ୨୮୦ ଜଣ ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଏହାର ବିଶେଷତା ହେଉଛି ସମାଜର ବିଭିନ୍ନ ବର୍ଗର ଲୋକ, ପରିବାର ଓ ଦମ୍ପତିମାନେ ମଧ୍ୟ ତୀବ୍ର ଗ୍ରୀଷ୍ମ ତାପ ସତ୍ତ୍ୱେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଏହି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ପ୍ରଦୀପ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲେ ମଧ୍ୟ ମହିଳା ଶାଖାର ସଦସ୍ୟାମାନଙ୍କ ସହ ସିଓ୍ୱା ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟ ଏହାକୁ ସାଫଲ୍ୟମଣ୍ଡିତ କରିବା ଦିଗରେ ଭରପୁର ପ୍ରୟାସ ଜାରି ରଖିଥିଲେ। ରକ୍ତଦାନ ଶିବିରରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ଦିଗରେ ଗୋଟିଏ ପକ୍ଷରେ ଅନୁଷ୍ଠାନର ସମସ୍ତ ସଭ୍ୟ ଆଉ ଅନ୍ୟ ପକ୍ଷରେ ସାମାଜିକ ଗଣମାଧ୍ୟମରେ ନିଜ ପ୍ରଭାବର ରଖିଥିବା କଳାକାରମାନେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ନିଜ ଆଡୁ ଲୋକଙ୍କୁ ଏ ଦିଗରେ ସଚେତନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସିଓ୍ୱା ଅନୁଷ୍ଠାନର ମହିଳା ଶାଖା ପକ୍ଷରୁ —ସୁମନ ମୁନ୍ଦ୍ରା, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଲିପିକା ପାତ୍ରା, ସୁଭାସ୍ମିତା ସାହୁ, ମମତା ନାୟକ, ଭୂଲକ୍ଷ୍ମୀ ଆଚାରୀ, ମମତା ସାହୁ, ମମତାଞ୍ଜଳି ଦାସ, ରସ୍ମିତା ଚୌଧୁରୀ, ବାଣୀ ପଟ୍ଟନାୟକ, କେ.ଦିବ୍ୟା, ମମତା ମହାପାତ୍ର, ଜୟା ମିଶ୍ର, ଆଶା, ମମତା ଦାଶ, ସଂଧ୍ୟାରାଣୀ ପଟ୍ଟନାୟକ ପ୍ରମୁଖ ଏହି ଶିବିରକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇ ଥିଲାବେଳେ ଅନୁଷ୍ଠାନର ସଭାପତି ଅଜୟ କୁମାର ମିଶ୍ର, ସଂପାଦକ ପ୍ରତାପ ପଟ୍ଟନାୟକ, ଉପ ସଭାପତି ଜି.ଓ୍ୱେଙ୍କଟରେଡ୍ଡି, ସହ ସଂପାଦକ କେ.କ୍ରିଷ୍ଣା ରାଓ ତଥା କୋଷାଧ୍ୟକ୍ଷ ରଞ୍ଜିତନାୟକ ସମେତ ସୁଧାକର ପଟ୍ଟନାୟକ, ସୌମ୍ୟରଂଜନ ଦଳାଇ, ବିଶ୍ୱଜୀତ ମିଶ୍ର, ଗୋପାଳ ସାହୁ, କୃଷ୍ଣଚନ୍ଦ ଦାଶ, ଦୀପକ ଷଡ଼ଙ୍ଗୀ, ରମେଶ ପଟ୍ଟନାୟକ, ମୁରଲୀ ପଟ୍ଟନାୟକ, ପିଣ୍ଟୁ ଦାଶ, କେ.ମୋହନ ରାଓ, ମୁନ୍ନା ଚୌଧୁରୀ, ରମେଶ ଚୌଧୁରୀ, ନିରଂଜନ ପାଣିଗ୍ରାହୀ, ରବିନ୍ଦ୍ରନାଥ ସାହୁ, ଶଶୀଧର ପଟ୍ଟନାୟକ, ମୁରଲୀକୃଷ୍ଣ ପଟ୍ଟନାୟକ, ନଳନୀ କୁମାର ଏବଂ ଫଣି ତୀଓ୍ୱାରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ଦିଗରେ ସହଯୋଗ କରିଥିଲେ। ବିଶେଷ କରି ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଦିନ ତମାମ ଉପସ୍ଥିତ ରହି ରକ୍ତଦାତା, ଆମନ୍ତ୍ରିତ ଅତିଥି ତଥା ଆୟୋଜକମାନଙ୍କୁ ସହାୟତା କରୁଥିଲେ।

# ବରିଷ୍ଠ ନାଗରିକ ମାନଙ୍କ ଅନୁଭବ ସମାଜର ବିକାଶ କରିବ: ବିଧାୟକ ଜୟନ୍ତ ଷଡ଼ଙ୍ଗୀ

ପୁରୀ, ୨୦/୦୪ (ନି.ପ୍ର): ବରିଷ୍ଠ ନାଗରିକ ମାନେ ଅଲୋଡା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଆଜି ପୂର୍ବାହ୍ନରେ ସର୍ବୋଦୟ ନଗର ଶିରିଡି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକ ମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। ଏହା ଏକ ସୁନ୍ଦର ପଦକ୍ଷେପ। ଏକ ହେ, ତୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠ ମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଦାବି ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି।ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି। ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟ କ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଂଚାଳନ କରିଥିଲେ । କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଞ୍ଚ, ମୁଖ୍ୟ ପରାମର୍ଶଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଂଜନ ଦାସ, ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।ଆଜୀବନ ସଦସ୍ୟ ପ୍ରଫେସର. ପ୍ରଭାତ ରଂଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡା,ହର ପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**AFFIDAVIT**

By virtue of an affidavit before the executive Magistrate Balasore, I, Kalia Khilar, aged 50 years, S/o- Balaram Khilar residing- At- Khanda Kali, Po- Srikona, P.S.- Chandipur, Dist- Balasore declare that my correct name is Kalia Khilar, S/o- Balaram Khilar residing- At- Khanda Kali, Po- Srikona, P.S.- Chandipur, Dist- Balasore has been mentioned in my Aadhaar Card, Bank Passbook, Voter ID and other relevant documents. But my nick name Mangal Khilar has been mentioned in my ROR Mouza- Srikona, Tahasil- Balasore, P.s- Balasore sadar, P.S. no- 104, Khata No- 1478/1687, Plot no- 3240/8420, A 0.18dec and also in my LIC Policy Bond bearing policy no- 583466332. Both Kalia Khilar and Mangal Khilar are one and same person.

**Kalia Khilar**

# ପାତ୍ର ଏଣ୍ଟରଟେନମେଣ୍ଟ ଦ୍ୱାରା ରିଲିଜ୍ ହେଲା ଦୁଇଟି ମ୍ୟୁଜିକ ଭିଡିଓ 'ତତେ ଭଲ ପାଉଚି ବୋଲି' ଓ 'ଏ ପବିତ୍ର ବନ୍ଧନ ଶହେ ଜନ୍ମର'

ଭୁବନେଶ୍ୱର, ୨୦/୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଅଭିନେତା ପପୁ ଓ ଅଭିନେତ୍ରୀ ଝୁନି ଅଭିନୀତ ଦୁଇଟି ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ କରିଛି ଯାହାର ନାଁ ରହିଛି 'ତତେ ଭଲ ପାଉଚି ବୋଲି' ଓ 'ଏ ପବିତ୍ର ବନ୍ଧନ ଶହେ ଜନ୍ମର' ତେବେ ମ୍ୟୁଜିକ୍ ଭିଡ଼ିଓ ରିଲିଜ୍ ଅବସରରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୈଦ୍ୱାର ବିଧାୟକ ସୈଭିକ୍ ବିଶ୍ୱାଳ,ସିନେ ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, ନିର୍ଦ୍ଦେଶକ ବାବୁ ବାବୁ ସମେତ ଅଭିନେତା ପପୁ ଓ ଅଭିନେତ୍ରୀ ଝୁନି ଉପସ୍ଥିତ ରହି ଗୀତ ଦୁଇଟି ର ସିଡ଼ି ଉନ୍ମୋଚନ କରିଥିଲେ। ସେହିପରି




ଦୁଇଟି ଯାକ ଗୀତ ପାତ୍ର ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ କରିଥିବା ବେଳେ । ଅନେକ ସୁପରହିଟ୍ ମ୍ୟୁଜିକ୍ ଭିଡ଼ିଓର ନିର୍ଦ୍ଦେଶକ ବାବୁ ବାବୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି । 'ତତେ ଭଲ ପାଉଚି ବୋଲି' ଗୀତ ଟିକୁ ସମ୍ବିତ କୁମାର ମହାନ୍ତି ଗୀତ ରଚନା ସହିତ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସ୍ୱୟଂ ପାଢ଼ୀ ଏବଂ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି । ସେହିପରି 'ଏ ପବିତ୍ର ବନ୍ଧନ ଶହେ ଜନ୍ମର' ଗୀତ ଟିକୁ ଚିନ୍ମୟ ଓ ବିଭୁନ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ସ୍ୱର୍ଗତ ହ୍ୟୁମାନ ସାଗର ଓ ଲୋପାମୁଦ୍ରା ଦାଶ ଓ ଖୁବ୍ ସୁନ୍ଦର ଭାବରେ ଲେଖିଛନ୍ତି ନିରଞ୍ଜନ ପଣ୍ଡା । ଏଣୁ ନିର୍ଦ୍ଦେଶକ ବାବୁ ବାବୁଙ୍କ ସୁନ୍ଦର ପରିକଳ୍ପନା ଏବଂ ବଳିଷ୍ଠ ନିର୍ଦ୍ଦେଶନାରେ ମ୍ୟୁଜିକ୍ ଭିଡ଼ିଓ ଦୁଇଟି ଖୁବ ପ୍ରଶଂସା ସାଉଁଟୁଛି।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୨୦/୪ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା।ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୩୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୧ଟି ବ୍ୟକ୍ତିଗତ, ୩ଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ତତକ୍ଷଣାତ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଇରାନ ଯୁଦ୍ଧକୁ ନେଇ...

ଇରାନୀ କ୍ଷେପଣାସ୍ତ୍ର ବିଶ୍ୱସ୍ତରୀୟ ସହର ଦୁବାଇ ଏବଂ ଆବୁଧାବିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି। ଆମେରିକା ସେସବୁକୁ ରକ୍ଷା କରିବାରେ ବିଫଳ ହୋଇଛି। ଫଳରେ ୟୁଏଇର ବିଶ୍ୱାସ ଦୋହଲି ଯାଇଛି। ସାଉଦି ଆରବର ବୈଦେଶିକ ମନ୍ତ୍ରୀ ଫୈସଲ ବିନ୍ ଫରହାନ ଆମେରିକା ସମ୍ପର୍କରେ ଏକ ବଡ଼ ମନ୍ତବ୍ୟ ଦେଇ କହିଛନ୍ତି, ଆମେରିକା ଉପରେ ନିର୍ଭରଶୀଳତାର ଯୁଗ ଶେଷ ହୋଇଯାଇଛି। ସେ ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରି କହିଛନ୍ତି, ଯଦି ସେ ନିଜ ଦେଶକୁ ସୁରକ୍ଷା ଦେଇପାରୁ ନାହାନ୍ତି, ତେବେ ସେ ସାଉଦି ଆରବକୁ କିପରି ସୁରକ୍ଷା ଦେଇପାରିବେ। ତାଙ୍କର ଏହି ମନ୍ତବ୍ୟକୁ ଆଞ୍ଚଳିକ ରାଜନୈତିକ ଗତିବିଧି ପରିବର୍ତ୍ତନ ଏବଂ ଆମେରିକା ଉପରେ ନିର୍ଭରଶୀଳତା ହ୍ରାସର ସଙ୍କେତ ଭାବରେ ଦେଖାଯାଉଛି। ୟୁଏଇ ପରି ସାଉଦି ଆରବରେ ସାମରିକ ଘାଟିଗୁଡ଼ିକୁ ଇରାନ ମଧ୍ୟ ଟାର୍ଗେଟ କରିଥିଲା। ଏହି ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧ ହେବା ଦ୍ୱାରା ସାଉଦି ଆରବ ଯଥେଷ୍ଟ ଆର୍ଥିକ କ୍ଷତି ସହିଛି। ଇରାନ ପକ୍ଷରୁ ସାଉଦି ଆରବର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରାଯାଇଛି। ତେଣୁ ଏବେ ଉପସାଗରୀୟ ଦେଶଗୁଡ଼ିକ ଆମେରିକାଠାରୁ ଦୂରେଇବା ଆରମ୍ଭ କରି ନିଜ କ୍ଷତି ଭରଣାର ବାଟ ଖୋଜୁଛନ୍ତି।

### କଟକର ସିଆରଆରଆଇଠାରେ...

ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି। କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି। ରାଜ୍ୟ ସରକାର "ବଳଭଦ୍ର ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗତ ବର୍ଷ ଅକ୍ଟୋବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ପି.ଏମ ଧନ-ଧାନ୍ୟ କୃଷି ଯୋଜନା'ରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଭଳି ଚାରିଟି ଆଦିବାସୀ ଜିଲ୍ଲା ସ୍ଥାନ ପାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ। କଟକର ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁରର ମାନ୍ୟବର ସାଂସଦ ବିଭୁପ୍ରସାଦ ତରାଇ , ନିଆଳିର ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୌସ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଏହା ସହ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକର ନିର୍ଦ୍ଦେଶକ ଡଃ ଜିଏକେ କୁମାରଙ୍କ ପ୍ରମୁଖ ମଂଚାସୀନ ଥିଲେ। ଅକ୍ଷୟ ତୃତୀୟା ଅବସରରେ ଆଜି ୪୧ ଲକ୍ଷ୍ ୬୮ ହଜାର ଚାଷୀଙ୍କୁ ମିଳିଛି ସିଏମ କିଷାନ ସହାୟତା । ଚାଷୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ଜରିଆରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ପଠାଇଛନ୍ତି ସରକାର । ଗତ ସେପ୍ଟେମ୍ବର ମାସରେ ୫୧ ଲକ୍ଷ ୫୪ ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସିଏମ କିଷା ଟଙ୍କା ପାଇବାରୁ ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷ ହିତାଧିକାରୀ ବାଦ ପଡ଼ିଛନ୍ତି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ସିଏମ କିଷାନର ହିତାଧିକାରୀ ହେବା ଆବଶ୍ୟକୀୟ ମାନଦଣ୍ଡ ଯେଉଁମାନେ ପୂରଣ କରୁ ନାହାନ୍ତି । ସେମାନଙ୍କୁ ଆର୍ଥିକ ସହାୟତାର ବାଦ ଦିଆଯାଇଛି । କୃଷକ ପଞ୍ଜିକରଣ, ଏକକ ମୋବାଇଲ ନମ୍ବର , ବ୍ୟାଙ୍କ ଖାତା ସହ ଆଧାର ପଞ୍ଜିକରଣ ସହ ଇକେୱାଇସି ଅପଡେଟ କରିନାହାନ୍ତି । ସେମାନଙ୍କୁ ଖାତାକୁ ଟଙ୍କା ଯାଇପାରିନାହିଁ । ନିଜ ଜିଲ୍ଲାର କୃଷି କାର୍ଯ୍ୟାଳୟକୁ ଯାଇଁ ଆବଶ୍ୟକୀୟ ମାନଦଣ୍ଡ ପୂରଣ କଲେ ହିତାଧିକାରୀ ଆର୍ଥିକ ସହାୟତା ପାଇ ପାରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

### ଓଡ଼ିଶାରେ ଭୋଟର...

ନାଁ କାଟିବା ପୂର୍ବରୁ ସଠିକ୍ ଯାଞ୍ଚ କରାଯିବ ଏବଂ ତାଙ୍କୁ ନୋଟିସ୍ ଜାରି କରିବାକୁ ପଡ଼ିବ। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି- ଏହି ପ୍ରକ୍ରିୟାରେ ୨ ରୁ ୩ ପ୍ରତିଶତ ଅର୍ଥାତ୍ ଆମ ରାଜ୍ୟରେ ୭ ରୁ ୯ ଲକ୍ଷ ଭୋଟରଙ୍କ ନାଁ କଟିବା ସ୍ୱାଭାବିକ । କିନ୍ତୁ ତା ଠୁ ଅଧିକ ନାଁ କଟିଥିବାରୁ ପୁଣିଥରେ ଏହି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆର୍.ଏସ୍. ଗୋପାଳନ, ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ,ଏପ୍ରିଲ ୨ ପରଠୁ ଆସିଥିବା ଫର୍ମ-୭ ଆବେଦନ ଗୁଡ଼ିକରୁ ଅନ୍ୟୁନ ୫୦ ପ୍ରତିଶତ ମାମଲାରେ ବ୍ୟକ୍ତିଗତ ଭାବେ ଘରକୁ ଯାଇ ଯାଞ୍ଚ କରିବା ଏବଂ ଲିଖିତ ସାର୍ଟିଫିକେଟ୍ ଦାଖଲ କରିବା ବାଧ୍ୟତାମୂଳକ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏଥିସହ '୧୯୫୦' କଲ୍ ସେଣ୍ଟର, ଇମେଲ୍ ଓ ଅନ୍ୟ ମାଧ୍ୟମରେ ଆସୁଥିବା ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ଯାଞ୍ଚ କରାଯିବ। ତେବେ ଏତେ ସଂଖ୍ୟକ ନାଁ କଟିବା ଚିନ୍ତାଜନକ ବୋଲି କହିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନିର୍ବାଚନୀ ଫାଇଦା ପାଇଁ ଏଭଳି କାରସାଦି ଗଣତନ୍ତ୍ର ପ୍ରତି ବିପଦ । ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡିକୁ ସବୁ କଥାରେ ଷଡ଼ଯନ୍ତ୍ର ଦେଖାଯାଉଛି। ଯଦି କିଛି ନିର୍ଦ୍ଦିଷ୍ଟ ପ୍ରମାଣ ଅଛି ଦିଅନ୍ତୁ । ଏହାକୁ ନେଇ ଓଡ଼ିଶାରେ ଏବେ ରାଜନୀତି ଜୋର ଧରିଛି ।

### ଜାପାନରେ ୭.୪ ...

ପରମାଣୁ ଶକ୍ତି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ସ୍ଥାନୀୟ ବୈଜ୍ଞାନିକମାନେ ଓନାଗାୱା ପରମାଣୁ ଶକ୍ତି କେନ୍ଦ୍ରରେ କୌଣସି ଅସ୍ୱାଭାବିକତା ଯାଞ୍ଚ୍ କରୁଥିବା ଜଣାପଡ଼ିଛି। ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବାକୁ ପରାମର୍ଶ ଦେଇଛନ୍ତି ଏବଂ ଏହି ସଙ୍କଟ ସମୟରେ ନାଗରିକମାନଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି।

# ଗୋଦାବରୀଶ ସାହିତ୍ୟ ସଂସଦର ବୈଶାଖୀ ମିଳନ

ଭୁବନେଶ୍ୱର, ୨୦/୪ (ନି.ପ୍ର): ଭୁବନେଶ୍ୱରର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ ଆନୁକୁଲ୍ୟରେ ବୈଶାଖୀ ମିଳନ ଡ. ଉପେନ୍ଦ୍ର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଡ. ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷନ ପ୍ରଦାନ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଗୀତିକାର ତଥା ଚଳଚ୍ଚିତ୍ର ଲେଖକ ଡ. ରଜନୀ ରଞ୍ଜନ ଦାଶ ଓଡ଼ିଆ ଗୀତିକବିତା ର ଗତି ଓ ପ୍ରକୃତି ଉପରେ ଆଲୋଚନା କରିଥଲେ। କବି ରଜନୀ କାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର




ଯୁଗ୍ମ ସମ୍ପାଦକ ମହିମା ପୃଷ୍ଟି, ଦେବେନ୍ଦ୍ର ନାଥ ଦାସ, ବିକାଶ ଦାସ, ଲକ୍ଷ୍ମୀଧର ମହାପାତ୍ର, ରାକେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ବିଜୟ କୁମାର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଉଦଳା ବନ୍ଦକୁ ସଫଳ କରିବାରେ କଂଗ୍ରେସର ଭୂମିକା

ଉଦଳା, ୨୦/୪ (ନି.ପ୍ର): କାକବନ୍ଧ ଆଶ୍ରମ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀ ରୁପାଲିଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଏଥିପାଇଁ କ୍ଷମତାରେ ଥିବା ରାଜ୍ୟ ସରକାରଙ୍କୁ ଦାୟି କରି ବିଜୁ ଜନତା ଦଳ ତରଫରୁ ମୟୂରଭଂଜ ବନ୍ଦ ଡ଼ାକରା ଦିଆଯାଇଥିଲା । କଂଗ୍ରେସ ଦଳ ତରଫରୁ ମଧ୍ୟ ଏହାକୁ ସମର୍ଥନ ଜଣାଇ ବନ୍ଦକୁ ସଫଳ କରିବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଚଳିତ ଏପ୍ରିଲ ୧୮ ତାରିଖ ଶନିବାର ଦିନ ଏଥିପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ଉଦଳାରେ କଂଗ୍ରେସ ଦଳର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଉପସଭାପତି ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ପ୍ରାର୍ଥି ଦୁଃଖିଶ୍ୟାମ ମୁର୍ମୁ, ଦୁର୍ଗା ଟୁଡୁ ଓ ଯୋଗେନ୍ଦ୍ର ବାରଶାଳିଆ, ସଂଜୀବ କୁମାର ମହାନ୍ତି, ଉତମ ବେହେରା ପ୍ରମୁଖଙ୍କ ସମେତ କଂଗ୍ରେସ ଦଳର ବହୁ କର୍ମି ମିଳିମିଶି ଏହି ବନ୍ଦକୁ ସଫଳ କରିଥିଲେ। ଫଳରେ ଦିବସ ବ୍ୟାପି ଦୋକାନ ବଜାର, ଯାନ ବାହାନ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାଅନୁଷ୍ଠାନ ସବୁକିଛି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । କଂଗ୍ରେସ ଦଳର କର୍ମି ମାନେ ମିଳିମିଶି ଯେଉଁଭଳି ଭାବରେ ବନ୍ଦକୁ ସଫଳ କଲେ, ଏହା ଆଗାମୀ ଦିନରେ ଦଳର ଶକ୍ତିକୁ ଅଧିକ ମଜଭୁତ କରିବ ବୋଲି କୁହାଯାଉଛି ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୁହ ଚିତ୍ରାଙ୍କନ ପ୍ରତିଯୋଗିତା

ବାରିପଦା , ୨୦/୪ (ନି.ପ୍ର): ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ 'ବାସ୍ତବ' ପରିବାର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି ଓ ନର୍ସରୀ ରୁ ୧୦ମ ଶ୍ରେଣୀର ୩ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଓ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଅନେକ ସଂଖ୍ୟାରେ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା ଓ ବାସ୍ତବ ଅନୁଷ୍ଠାନ ସମାଜରେ ବିଭିନ୍ନ କ୍ଷେତ୍ରରେ ଯଥା



ସ୍ୱାସ୍ଥ୍ୟସେବା, ପରିବେଶ ସନ୍ତୁଳନ, ସ୍କୁଲ ସ୍ତରରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ସ୍ୱଲିଖିତ କବିତାଆବୃତ୍ତି, ବିଦ୍ୟାଳୟ ମାନଙ୍କୁ ପୁସ୍ତକ ଦାନ ତଥା ସୁନନ୍ଦନ ବୃତ୍ତି ଯୋଜନା ମାଧ୍ୟମରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଆର୍ଥିକ ଅନୁଦାନ ଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ସମାଜରେ ଉଦାହରଣ ସୃଷ୍ଟି କରି ପାରିଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପିଲାମାନଙ୍କୁ ପ୍ରମାଣ ପତ୍ର ଏବଂ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ ଓ ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରିଥିଲେ ଓ ଏହି ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତ୍ତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଥିଲେ ଓ ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲୱାଲ, ବିନୋଦ ସାହୁ ,ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଂଜୀବ ପଟ୍ଟନାୟକ ତଥା ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଭାବକ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧାରି ଯିବ

ବଡ଼ସାହି , ୨୦/୪ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପ୍ରତାପପୁର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ( ଆବାସିକ)ର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠାର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ବିନୋଦ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ଆଜିର ଶିକ୍ଷା ବ୍ୟବସ୍ଥାରେ ଅଭିଭାବକ ମାନେ ସଚେତନ ହେଲେ ଶିକ୍ଷା ବ୍ୟବସ୍ଥା ସୁଧାରି ଯିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର କାଳୀପଦ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ, ଆଦରଣୀୟ ଅତିଥି ଭାବେ ବଡ଼ସାହି ବ୍ଲକ ଓଷ୍ଟା ପରିବାରର ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଓ ଆଦର୍ଶ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ପଲ୍ଲୀପ୍ରଭାର ସଂପାଦିକା ତଥା ବାଣୀପୀଠର ସଂଚାଳିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗଦାନ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରାଣବିନ୍ଦୁ ହେଉଛି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀ ରାଣୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଗୁରୁମା ସବିତା ରାଣୀ ଷଡଙ୍ଗୀଙ୍କ ଦ୍ୱାରା ଭାରତ ମାତା, ସ୍ୱାମୀ ବିବେକାନନ୍ଦ ଓ ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ବିଧିବଦ୍ଧ ପୂଜା ଅର୍ଚ୍ଚନା କରାଯାଇଥିଲା । ପରେ ପରେ ଲକ୍ଷ୍ମୀପ୍ରିୟା ଗିରି , ଉମିଳା ନାୟକ, ବନ୍ଦନୀ ଗିରି, ପ୍ରିୟଙ୍କା ବିଦ୍ଧାଣୀ, ଶୁଭଜିତ ଶୁଭଙ୍କର ରାଉତ ଓ ମିତା ମୁର୍ମୁଙ୍କ ଦ୍ୱାରା ମାତୃ ଓ ପିତୃ ପୂଜନ ତଥା ସର୍ମପଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଦିପ୍ତିରେଖା ମହାକୁଡ଼ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ

ଖୋର୍ଦ୍ଧା , ୨୦/୪ (ନି.ପ୍ର): ଅକ୍ଷୟ ତୃତୀୟା ବର୍ଷକର ୩୬୫ ଦିନର ସବୁଠାରୁ ପବିତ୍ର ଓ କିମ୍ବଦନ୍ତୀ ଦିନ । ଆଜି ଦିନରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ ହୁଏ । ସେହିପରି ଆଜିର ଦିନରେ ତ୍ରେତୟା ଯୁଗ ଆରମ୍ଭ ଏବଂ ଭଗବାନ ପର୍ଶୁରାମ ଙ୍କ ଜନ୍ମ ହୋଇଥିଲା ବୋଲି କୁହାଯାଏ । ଆଜି ଦିନରେ ମା 'ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରାଯାଏ । ଆଜି ଦିବସର ଅନନ୍ୟ ଗୁରୁତ୍ୱ ଅଛି,ମାଟି ମା' ଓ ପୃଥିବୀକୁ ଚାଷୀ କୁଳ ପୂଜା କରି ଭଲ ଫସଲ ଅମଳ ପାଇଁ ପୃଥିବୀ ପୃଷ୍ଠରେ ଯଥାର୍ଥ ପରିମାଣରେ ଖରା, ବର୍ଷା, ଶୀତ କାକରରେ ତାହାର ଫସଲ ଯେପରି ଭଲ ଅମଳ ହୋଇ ଖଳାକୁ ଆସିବ ସେଥି ପାଇଁ କାମନା ରଖି ଅକ୍ଷୀ ମୁଠି କ୍ଷେତରେ ବୁଣିବା ଆରମ୍ଭ କରିଥାଏ ବୋଲି ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତ ବରପାଟଣା ଗ୍ରାମ ଜାଗର ପଡିଆଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଓଡ଼ିଶାର ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ, ଓଡ଼ିଶା ସରକାର ଶ୍ରୀଯୁକ୍ତ ପୃଥ୍ୱୀ ରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ସି ଏମ କିଶାନ ସହାୟତା ରାଜ୍ୟ ସରକାର ଆଜି ରିଲିଜ୍ କରି ଚାଷୀ ପରିବାର ମୁହଁରେ ହସ ଫୁଟାଇ ଛନ୍ତି । ଧାନର ସବସିଡି ୮୦୦ ଟଙ୍କା ବୃଦ୍ଧି, ବଳଭଦ୍ର ଜୈବିକ ଚାଷ ,ଡାଲି ଜାତୀୟ ଫସଲ, ଫସଲ ବିବିଧତା, କ୍ଷୁଦ୍ର ଚାଷୀ ରୋଜଗାର ବୃଦ୍ଧି କରିବା, ଶାଳିଆ ପ୍ରକଳ୍ପ ଡ୍ୟାମର ଉଚ୍ଚତା ବଢ଼ାଇବା ୨୯ ଗୋଟି କ୍ଷୁଦ୍ର ଜଳସେଚନ ଆରମ୍ଭ କରି ଚିଲିକା ନିର୍ବାଚନ ମଣ୍ଡଳୀରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି କଲ୍ପେ ମନ୍ତ୍ରୀ ପ୍ରାଧାନ ଦେଇଛନ୍ତି ପ୍ରକାଶ କରି ସମସ୍ତ ଚାଷୀକୁଳ ଓ ଜିଲ୍ଲାର ସୁଖ ସମୃଦ୍ଧି କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ରାଜ୍ୟ ସରକାରଙ୍କ ଧାନକ୍ରୟରେ ଡି ବି ଟି ଏଲ ମାଧ୍ୟମରେ ଧାନର କୁଇଁଟାଲ ପିଛା ୮୦୦ ଟଙ୍କା ସବ୍ ସିଡି ବୃଦ୍ଧି ଏକ ଐତିହାସିକ ପଦକ୍ଷେପ । ସେହିଁପରି ବେରୋଜଗାର ସମସ୍ୟା ଏଡ଼ାଇବା ଦିଗରେ ରାଜ୍ୟ ସରକାର ଆନୁଷଙ୍ଗିକ କୃଷି, ଗୋପାଳନ, ଉଦ୍ୟାନ କୃଷି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସରକାର ଯୁବକ ମାନଙ୍କ ପାଇଁ ମଧ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଣୁ ଯୁବକ ମାନେ ଚାଷ କ୍ଷେତ୍ରରେ ପ୍ରାଧାନ ଦେଲେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ଓ ଜିଲ୍ଲା ଏବଂ ରାଜ୍ୟର ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇ ପ୍ରଧାନ ମନ୍ତ୍ରୀଙ୍କ ଆତ୍ମ ନିର୍ଭର ଭାରତ, ସ୍ୱଦେଶୀ ଭାରତ ସାକାର ହେବବୋଲି କହି ରାଜନୈତିକ କେନ୍ଦ୍ରବିନ୍ଦୁ ରୁ ଊର୍ଦ୍ଧରେ ରହି ସଅବକାସାଥ ସବକାବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ କହିଲେ ଆମେ ସମସ୍ତେ କୃଷି ସଂସ୍କୃତି ମଧ୍ୟରେ ଜନ୍ମ ନେଇଛେ । କୃଷି ଆମ ଜାତିର ପ୍ରାଣ କେନ୍ଦ୍ର କ୍ଷ କୃଷିକୁ ଛାଡ଼ି ସମାଜ ତିଷ୍ଠି ପାରିବ ନାହିଁ । କୃଷକ ଆମର ଅନ୍ନଦାତା, ଏଣୁ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକତା ଅଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ଯୋଗଦେଇ କହିଲେ ଚିଲିକା ଅଂଚଳରେ ବୁଣା ଧାନ ଓ ରୁଆ ଧାନ ହୋଇଥାଏ । ଏଥି ସହ କୋଳଥ , ମାଣ୍ଡିଆ ଚାଷ କୁ ଅଗ୍ରାଧିକାର ଦେଇ ଚାଷୀ କୁଳର ହିତ ସାଧନରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ।

# ଭାଗବତ ପାରାୟଣ ଉଦ୍‌ଯାପିତ

ଭଣ୍ଡାରିପୋଖରୀ , ୨୦/୪ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ପଦିନାରାୟଣପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସପ୍ତାହ ବ୍ୟାପି ଆୟୋଜିତ ଭାଗବତ ପାରାୟଣ ସୋମବାର ଉଦଯାପିଟ ହୋଇ ଯାଇଛି। ପୁରୋହିତ ଅରୀକ୍ଷିତ ପଣ୍ଡା,ଶ୍ରୋତା ଅଖିଳ ଚନ୍ଦ୍ର ସାହୁ , ପ୍ରଭାତ ବେହୁରିଆ, ବିଷ୍ଣୁ ଚରଣ ରାଉତ, ଆନନ୍ଦ ଚନ୍ଦ୍ର ସାହୁ, ପୁରୁଷୋତ୍ତମ ଧଳ ଓ ଗ୍ରାମବାସୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।



# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୨୦/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୪୮ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୪୩ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୪ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



୨୧ ଏପ୍ରିଲ ୨୦୨୬, ମଙ୍ଗଳବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା , ୨୦/୪ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଭଂଜପୁର ସାଇ ପ୍ରଚାରକ ମଣ୍ଡଳୀ ଆନୁକୂଲ୍ୟରେ ୧୫ଶ ବାର୍ଷିକ ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ମେ ମାସ ୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଏହି ଅବସରରେ ଭଂଜପୁର ଠାରେ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟାଳୟରେ ଆୟୋଜନ କମିଟିର ସଭାପତି ପଦ୍ମଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିଥି ଭାବେ ସମାଜସେବୀ ନନ୍ଦିକେଶ ଶେଜପଡା, ପୂର୍ବତନ କାଉନସିଲର ଦେବାଶିଷ ଦାସ, ପୂର୍ବତନ ଜିଲ୍ଲା



ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ବରିଷ୍ଠ ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ତଥା ଅଧ୍ୟକ୍ଷ ପୁରୁଷୋତ୍ତମ ମହାନ୍ତି, ଉପାଧ୍ୟକ୍ଷ ସତ୍ୟନାରାୟଣ ଜୀ, ସମ୍ପାଦକ ରସିକାନନ୍ଦ ମିଶ୍ର, ସହ ସମ୍ପାଦକ ଇନ୍ଦୁଭୂଷଣ ପ୍ରଧାନ, କୋଷାଧ୍ୟକ୍ଷ ରାଜେନ୍ଦ୍ର ବିଷାଣି ତଥା ସଦସ୍ୟ କୁନା ବେଜ, ରଜତ ସାହୁ, ବାବାଜୀ ମହାନ୍ତି ଏବଂ ପୂଜକ ଦୀପ୍ତି ମିଶ୍ର ଓ ନାଗାର୍ଜୁନ ଦାଶଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ନିଜନିଜର ସୁଚିନ୍ତିତ ମତାମତ ଦେଇଥିଲେ ଓ ସହ କୋଷାଧ୍ୟକ୍ଷ ଅବନୀ ଶଙ୍କର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମାଜସେବୀ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତଦିନ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଆଳତୀ ସହ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଏବଂ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ମିଶ୍ର ଜଣାଇଛନ୍ତି ଓ ପ୍ରତିବର୍ଷ ପରି ଏବର୍ଷ ମଧ ପ୍ରାୟ ୫ ହଜାର ଭକ୍ତଙ୍କ ସମାଗମକୁ ଲକ୍ଷ୍ୟକରି ଉପଯୁକ୍ତ ପଦକ୍ଷେପ ନେବା ଉପରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା ।

## କେନ୍ଦୁଆ ସରପଞ୍ଚଙ୍କ ଘରେ କଳାକନା ବୁଲାଇଲେ ଚୋର

ବୈଶିଙ୍ଗା , ୨୦/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନାରେ ଆଇନ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡିଲାଣି। ରାତି ହେଲେ ବୁଲୁଛନ୍ତି ଚୋର। ନା ଡରୁଛନ୍ତି ପୁଲିସ ପେଟ୍ରୋଲିଂ କୁ, ନା ଡରୁଛନ୍ତି ଆଇନ ବ୍ୟବସ୍ଥାକୁ। ମଉକା ଦେଖି ତାଲା ଭାଙ୍ଗି କରୁଛନ୍ତି ଚୋରି ଡକାୟତି।ସାଧାରଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଉଥିବାବେଳେ ପୋଲିସ ଶୋଇଛି କୁମ୍ଭକର୍ଣ୍ଣ ନିଦ୍ରାରେ। ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧିନ କେନ୍ଦୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମନମୋହନ ମାଝି ଶନିବାର ଦିନ ନିଜ ପରିବାର ଲୋକଙ୍କୁ ନେଇ କକା ଶଶୁରଙ୍କ ଶୁଦ୍ଧିକ୍ରିୟା ପାଇଁ ବେଙ୍ଗଲ ଯାଇଥିବା ବେଳେ ଥାନା ଠାରୁ ୩୦୦ ମିଟର ଦୂରରେ ଦାମଦରପୁର ଛକରେ ଥିବା ଘର ଜଗିବା ପାଇଁ ସମ୍ପର୍କୀୟଙ୍କୁ ଦାୟୀତ୍ୱ ଦେଇ



ଯାଇଥିଲେ। ସମ୍ପର୍କୀୟ ମାନେ ଶନିବାର ରାତିରେ ଘର ଜଗିଥିବା ବେଳେ ରବିବାର ରାତିରେ ସବୁଆଡେ ତାଲାଦେଇ ପାଖ ଗାଁରେ ଥିବା ଅନ୍ୟଏକ ଘରକୁ ପଳାଇ ଯାଇଥିଲେ ଓ ଆଜି ସକାଳେ ଆସି ଦେଖିବାକୁ ପାଇଥିଲେ ଯେ ଘରର ତାଲା ଭଙ୍ଗା ଯାଇଛି। ଭିତରେ କବାଟ, ଗଡରେଜ ମଧ୍ୟ ଭଙ୍ଗା ଯାଇଛି ଓ ଜିନିଷପତ୍ର ଏଣେତେଣେ ପଡିଥିବାରୁ ଚୋରି ହୋଇଥିବାକୁ ସନ୍ଦେହ କରି ଶୁଦ୍ଧିକ୍ରିୟାକୁ ଯାଇଥିବା ସରପଞ୍ଚ ମନମୋହନଙ୍କୁ ଜଣାଇଥିଲେ। ତେବେ ଖବରପାଇ ସରପଞ୍ଚ ଆସି ଦେଖେ ତ ଘରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାରୂପା ଅଳଙ୍କାର ସମେତ ନଗଦ ୩୦ ହଜାର ଟଙ୍କା ଚୋରମାନେ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ପରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବୈଶିଙ୍ଗା ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ବ୍ୟାପକ କରିଥିବା ଜଣାପଡିଛି।

## ବିଜ୍ଞାନ, ପ୍ରଯୁକ୍ତି, ବୈଷୟିକ ଜ୍ଞାନ ଓ ଗଣିତ ବିଷୟରେ ସ୍ୱେଚ୍ଛାସେବିଙ୍କୁ ପ୍ରଶିକ୍ଷଣ

ଉଦଳା, ୨୦/୪ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଉଦଳା ସହର ନିକଟରେ ଥିବା ବାଥୁଡ଼ି ଭବନ ପରିସରରେ ଆତ୍ମଶକ୍ତି ଟ୍ରଷ୍ଟର ଉଦ୍ୟମ ଏବଂ ଜନଜାଗୃତି ମଂଚର ନେତୃତ୍ୱରେ ସ୍ୱେଚ୍ଛାସେବି ମାନଙ୍କର ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । 'ଶିକ୍ଷା ଗ୍ରହ' ଓ 'ମନ୍ତ୍ରା ଫର ଚେଂଜ' ସଂଗଠନ ମିଳିତ ଭାବରେ ଏହି ତାଲିମ ପ୍ରଦାନ ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲାର ୪ ଗୋଟି ବ୍ଲକ (ଉଦଳା, କପ୍ତିପଦା, ଖୁଂଟା ଓ ଗୋପବନ୍ଧୁନଗର)ରୁ ମୋଟ ୫୩ ଜଣ ସ୍ୱେଚ୍ଛାସେବି ଏହି ତାଲିମ ଗ୍ରହଣ କରିଥିବାର ଜଣାଯାଇଛି । ବିଜ୍ଞାନ, ପ୍ରଯୁକ୍ତି, ବୈଷୟିକ ଜ୍ଞାନ ଓ ଗଣିତ ବିଷୟରେ ପ୍ରଶିକ୍ଷକ ଭାବରେ ଶୁଭଙ୍କର ନାୟକ ଓ ଶୋହନ କୁମାର ଦୁଇଦିନ ଧରି ତାଲିମ ପ୍ରଦାନ କରିଛନ୍ତି । ଜନଜାଗୃତି ମଂଚର ଟିମ ଲିଡ଼ର



ଗଦାଧର ଦାଶ ଓ ବିର୍ଷା ବାହିନୀ ସଂଯୋଜକ ବୈକୁଣ୍ଠ ନାଥ ସିଂ ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ କୈଳାଶ ନାୟକ, ସୁଦର୍ଶନ ଦଳେଇ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର ଓ ନିରୁପମା ଦାସ ପ୍ରମୁଖ ସହଯୋଗ କରିଛନ୍ତି । ତାଲିମ ନେଇଥିବା ସ୍ୱେଚ୍ଛାସେବି ମାନେ ଆସନ୍ତା ମଇ ୧ ତାରିଖ ଠାରୁ ୬ ସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚତୁର୍ଥ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ମାନଙ୍କୁ ପାଠ ପଢ଼ାଇବେ ବୋଲି ଜଣାଯାଇଛି । ଏହା ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ସମ୍ପର୍କିତ ବୋଲି କୁହାଯାଉଛି । ଗତବର୍ଷ ମଧ ଠିକ୍ ଏହିଭଳି ଭାବରେ ଗ୍ରୀଷ୍ମଛୁଟି ସମୟରେ ବିଭିନ୍ନ ସ୍ଥାନରେ ଚାଟଶାଳିମାନ ଖୋଲି ସ୍ୱେଚ୍ଛାସେବି ମାନେ ପାଠ ପଢ଼ା କାର୍ଯ୍ୟରେ ନିୟୋଜିତ ଥିଲେ । ଦୁଇଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ମଂଚର ସମସ୍ତ ସଦସ୍ୟ ସହଯୋଗ କରିଥିବାରୁ ଟିମ ଲିଡ଼ର ଗଦାଧର ଧନ୍ୟବାଦ ଜଣାଇଥିଲେ ।

## ବ୍ଲକ ସ୍ତରୀୟ କୃଷକ ସାଥୀ ସଂଘ ବୈଠକ

ବସ୍ତା, ୨୦/୪ (ନି.ପ୍ର):ବସ୍ତା କୃଷକ ସାଥୀ ସଂଘର ଜରୁରୀ କାଳିନ ବୈଠକ ବସ୍ତାଠାରେ ଅନୁଷ୍ଠିତ ହୋଇଯାଇଅଛି। ସଂଘର ସଭାପତି ସମିର କୁମାର ପ୍ରଧାନ ସଭାପତିତ୍ୱରେ ମୁଖ୍ୟ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ସଂଘର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ।ପ୍ରାରମ୍ଭିକ ସୂଚନା ଅଦୈତ୍ୟ କୁମାର ଦାସ ଦେଇଥିବା ବେଳେ ରାଜ୍ୟ ସରକାର କୃଷକସାଥୀ ମାନଙ୍କ ପ୍ରତି ବୌମାତୃକ ମନୋଭାବ ପୋଷଣ କରିବା ସହିତ ସେମାନଙ୍କ ର ନ୍ୟାର୍ଯ୍ୟ ଦାବୀକୁ ଅବହେଳା କରୁଛନ୍ତି।ଯାହାଫଳରେ କୃଷକ ସାଥୀ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି।ଏ ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୃଷକ ସାଥୀ ନ୍ୟାୟ ପାଇ ପାରୁ ନାହାଁନ୍ତି ।ଯଥାଶିଘ୍ର ଦାବି ପୁରନ ନହେଲେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତି ନିଆଯିବ ବୋଲି ୩୧ଟି ପଞ୍ଚାୟତର କୃଷକ ସାଥୀ ମତପ୍ରକାଶ କରିଛନ୍ତି।ସମ୍ପାଦକ ମାନସ କୁମାର ପରିଡା ସୁଭେନ୍ଦୁ ଦାସ ଚକ୍ରଧର ପ୍ରଧାନ ରାମକୃଷ୍ଣ ମୌକାପ ପଞ୍ଚାନନ ପଣ୍ଡା, ପ୍ରଭାତ ବେହେରା,ମନ୍ମଥ ସାହୁ, ରବିନ୍ଦ୍ର ସାହୁ(ଭାନୁବାବୁ), ଅମୂଲ୍ୟ ପ୍ରଧାନ ଜୟ ଗୋପାଳ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ନୀଳଗିରି, ୨୦/୪ (ନି.ପ୍ର): ସୋମବାର ପୂର୍ବାହ୍ନ ୭ଘଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୪୭ ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ।ଏହି ଅଭିଯୋଗ ମଧରେ ବ୍ୟକ୍ତି ଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଜଙ୍ଗଲ ଜମି ପଟ୍ଟା,ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା,ଉଦ୍ୟାନ କୃଷି, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା।ଏହି ମିଳିତ ଜନଶୁଣାଣୀ ଶିବିରରେ ୧୩ ଗୋଟି ଅଭିଯୋଗର ତତ୍ କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦,୦୦୦(ଦଶ ହଜାର ଟଙ୍କା)ଲେଖାଏଁ ଅର୍ଥ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ବି. ଡି.ଓ. ଶ୍ରୀଯୁକ୍ତ ବିକ୍ରମକେଶରୀ ପରିଡ଼ା ସମେତ ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଆରା ବନ୍ଧୁମିଳନ ସମାରୋହ

ଭଦ୍ରକ , ୨୦/୪ (ନି.ପ୍ର): ଚାକିରିରୁ ଅବସର ନେବାର ଏକମାସ ପୂର୍ବରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟ ପରିସରରେ ଏକ ନିଆରା ବନ୍ଧୁମିଳନ ଆୟୋଜନ କରିଛନ୍ତି। ତା ପୁଣି ଗ୍ରାମବାସୀ, ଅଭିଭାବକ, ପାଖ ଆଖ ଅଞ୍ଚଳର ସବୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ସହିତ ଜଡ଼ିତ ସମସ୍ତ ଶୁଭେଚ୍ଛୁମାନଙ୍କୁ ନେଇ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଏପରି ଥିଲାଯେ ତାହା ପ୍ରକୃତରେ ବିଦାୟ କାଳୀନ ସଭାର ଭ୍ରମ ସୃଷ୍ଟି କରିଥିଲା। ଏଭଳି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ ଭଦ୍ରକ ବ୍ଲକ ରାହାଞ୍ଚ ପଞ୍ଚାୟତ ସ୍ଥିତ ତିଶଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ନିଆରା ବନ୍ଧୁମିଳନ ସମାରୋହ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗିରଥୀ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଲେଖ



ଚନ୍ଦ୍ର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା କେନ୍ଦୁଆପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶିଶେଖର କରଶର୍ମା, କଳିଙ୍ଗ ଟିଭିର ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ, ବ୍ରଜଗୋପୀକା ସେବା ମିଶନ ଭଦ୍ରକର ବରିଷ୍ଠ ସଂଯୋଜକ ବିଷ୍ଣୁମୋହନ ପଣ୍ଡା, ପିଏମ୍ ଶ୍ରୀ ହାଇସ୍କୁଲ ଚୁନିଦାର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ସି.ଆର.ସି.ସି. ଜୟନ୍ତ ଯେନା, ଆନନ୍ଦ ବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, କୃଷି କବି ଅରୁଣ କୁମାର ପାତ୍ର, ଭଦ୍ରକ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଆରତୀ ଜେନା, ଗଣିଜାଙ୍ଗ ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ର ସୁକାନ୍ତି ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୌରୀବଲ୍ଲଭ ପାଢ଼ୀ, ପ୍ରାକ୍ତନ ସଭାପତି ସୁଦର୍ଶନ ଲେଙ୍କା, ଅସୁରା ଗ୍ରାମ୍ୟ କମିଟିର ସଭାପତି ଅଭିମନ୍ୟୁ ବାରିକ୍, ସମାଜସେବୀ ସଂଗ୍ରାମ କେଶରୀ ଦାସ, ରୋପ୍ୟମୟୀ ମହାପାତ୍ର ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଝୁରନ୍‌ବାଳା ଖୁଣ୍ଟିଆ ତିଶଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୨ ବର୍ଷ ଧରି କିପରି ଏହି ବିଦ୍ୟାଳୟର ଶିକ୍ଷାର ବିକାଶ ସହିତ ଶିକ୍ଷାୟତନର ବିକାଶ ଦିଗରେ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ସେ ବିଷୟରେ ଆଲୋକପାତ କରିଥିଲେ। ଏପରିକି ବିଭିନ୍ନ ସମୟରେ ସେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ପୁରସ୍କାର ପାଇ ବିଦ୍ୟାଳୟ ଗୌରବ ବୃଦ୍ଧିରେ ସହାୟକ ହୋଇଛନ୍ତି। ତତ୍ ସହିତ ଏହି ବିଦ୍ୟାଳୟକୁ ଦୁଇ ଦୁଇଥର ପ୍ରକୃତି ମିତ୍ର ପୁରସ୍କାର ମଧ ଲାଭ କରାଇପାରିଛନ୍ତି। ତେଣୁ ସେହିଭଳି ଜଣେ ତ୍ୟାଗପୂତ, ନିଷ୍ଠାବାନ୍, ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦର୍ଶ କାର୍ଯ୍ୟ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶୁଭେଚ୍ଛୁମାନେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଖୁଣ୍ଟିଆଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ଯାହା ଏକ ନିଆରା ନିଦର୍ଶନ ସୃଷ୍ଟି କରିଥିଲା। ଉକ୍ତ ଉତ୍ସବରେ ରାହାଞ୍ଚ, ଜଗଦଳପୁର, ରମ୍ଭିଳା, ଚରମ୍ପା ଓ ଏରେଇଁ ପଞ୍ଚାୟତର ସମସ୍ତ ପ୍ରାଇମେରୀ ତଥା ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଅସୁରା, ତିଶଳପୁର ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦାନ ପୂର୍ବକ ପ୍ରଧାନ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜଗୋପିକା ସେବାମିଶନ, ଭଦ୍ରକର ଦେବଦର୍ଶନ ଦାଶ, ବିରେଶ ମହାନ୍ତି, ନିର୍ମଳା ସାହୁ, ସ୍ୱର୍ଣ୍ଣଲତା ପାଢ଼ୀ, ମମତା ମହାନ୍ତି, ଉର୍ବଶୀ ଦାଶ, ଆରତୀ ସାହୁ ପ୍ରଭୃତି ସମସ୍ତ ସାଧକ ସାଧୀକା ମଧ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଜୟ ଶୁକ୍ଳ, ସୁରେନ୍ଦ୍ର ପଲାଇ, ମନୋଜ କୁମାର ଦାସ, ବଟକୃଷ୍ଣ ମହାପାତ୍ର, ଦୀପକ ନାଏକ, ଚନ୍ଦ୍ରକାନ୍ତ ଶୁକ୍ଳ, ଶିକ୍ଷୟିତ୍ରୀ ମୀରାଲକ୍ଷ୍ମୀ ମହାନ୍ତି, ନୀରୂପମା ପଣ୍ଡା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସରକାର ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୨୦/୪ (ନି.ପ୍ର): କେନ୍ଦ୍ର ସରକାର କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସତ୍ତ୍ୱେ, ଘରୋଇ ଏଲପିଜି, ପେଟ୍ରୋଲ-ଡିଜେଲ ଏବଂ ପ୍ରାକୃତିକ ଗ୍ୟାସର ଯୋଗାଣ ସ୍ୱାଭାବିକ। ବନ୍ଦର କାର୍ଯ୍ୟ ସୁଗମ ଅଛି, ଏବଂ ଗ୍ରାମୀଣ ନିଯୁକ୍ତି ଏବଂ ଗୃହ ଯୋଜନା ତ୍ୱରାନ୍ୱିତ ହେଉଛି। ପଶ୍ଚିମ ଏସିଆର ସଙ୍କଟ ଘରୋଇ ଗ୍ୟାସ ଯୋଗାଣ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ, ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା ଦ୍ରୁତ ଗତିରେ ଆଗକୁ ବଢୁଛି।

## ଜୟଦେବ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୦/୪ (ନି.ପ୍ର): ପବିତ୍ର ଅକ୍ଷି ତୃତୀୟା ଦିବସ ଅବସରରେ ଉତ୍କଳୀୟ କବି ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ବାଲିଅନ୍ତାସ୍ଥିତ ଜୟଦେବ ପୀଠରେ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ଗବେଷକ ଶ୍ରୀ ଲିଙ୍ଗରାଜ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୟଦେବଙ୍କ ଜନ୍ମପୀଠ ଏବଂ ଗୀତଗୋବିନ୍ଦ ଉପରେ ଆଲୋକପାତ କରିଥିଲେ । ଜୟଦେବ ଏବଂ ତାଙ୍କ କୃତିକୁ ନେଇ ଓଡ଼ିଆ ଜାତି ଆଜି ଗର୍ବିତ । ନୂତନ ପିଢ଼ି ମଧରେ ଜୟଦେବଙ୍କ କୃତି ସମ୍ପର୍କରେ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ ।

## ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ସାହିତ୍ୟ ଉତ୍ସବ ଓ ଜାତୀୟ କବି ବାଞ୍ଛାନିଧି ଜୟନ୍ତୀ

ବାସୁଦେବପୁର, ୨୦/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାହିତ୍ୟ ଅନୁଷ୍ଠାନ ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ସାହିତ୍ୟ ଉତ୍ସବ ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସ୍ରଷ୍ଟା ଓ ସୃଷ୍ଟି ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅଧ୍ୟାପକ ଡକ୍ଟର ବିଶ୍ୱ ରଞ୍ଜନ ଦାସ,ବାସୁଦେବପୁର ପୌର ପରିଷଦ ଅଧ୍ୟକ୍ଷା ନିବେଦିତା ବେହେରା, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ସ୍ରଷ୍ଟା ଓ ସୃଷ୍ଟିର



ସମ୍ପାଦିକା ଡକ୍ଟର ମୀରାଶ୍ରୀ ମହାନ୍ତି। ସ୍ରଷ୍ଟା ଓ ସୃଷ୍ଟିର ପୂର୍ବତନ ସମ୍ପାଦକ ତଥା ସାମ୍ବାଦିକ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ସମ୍ପର୍କରେ ଏହି ଉତ୍ସବରେ ସଂକ୍ଷିପ୍ତ ଆଲୋଚନା କରା ଯାଇଥିଲା। ଏହି ଅବସରରେ ସାହିତ୍ୟ ପତ୍ରିକା ସ୍ରଷ୍ଟା ଓ ସୃଷ୍ଟି ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। ବହୁ କବି କବିତା ପାଠ କରିଥିଲେ। ଏହି ଉତ୍ସବରେ କବି ଡକ୍ଟର ବସନ୍ତ କୁମାର ଦାସ, ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା, କବି ଭାଗୀରଥି ପଲେଇ, କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ, କବିନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, କବି ରଞ୍ଜନ କୁମାର ନାୟକ, ନିରଞ୍ଜନ ସେଠୀ, କବି ରତ୍ନାକର ପଣ୍ଡା, କବି ରତ୍ନାକର ବାରିକ୍, ବସନ୍ତ ବାରିକ୍, କବି ଧନେଶ୍ୱର ରାଉତ, ଆଇନଜୀବୀ ନାରାୟଣ ଚନ୍ଦ୍ର ନାୟକ, କବି ତପନ ମିତ୍ର,ଭାଗୀରଥି ମହନି, କବି ସ୍ନିଗ୍ଧା ମହାନ୍ତି, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ଶିଳ୍ପପତି ମହେଶ ଦାସ, ଶଶାଙ୍କ ଶେଖର ସାହୁ, ଅଧ୍ୟାପକ ପ୍ରହ୍ଲାଦ ମାହୁନ୍ତ, କବି ସଞ୍ଜୟ ଜେନା, ସାମ୍ବାଦିକ ରମାକାନ୍ତ ଢ଼ାଙ୍ଗୁଆ, ସାମ୍ବାଦିକ ଉଦୟ ଜେନା, ଅମର ନାରାୟଣ ମହାନ୍ତି, ଦେବାଶିଷ ମହାନ୍ତି, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ସ୍ରଷ୍ଟା ଓ ସୃଷ୍ଟିର ଉପ ସଭାପତି ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବରିଷ୍ଠ କବି ପ୍ରହ୍ଲାଦ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହାଇସ୍କୁଲ ଛକ କବି ବାଞ୍ଛାନିଧି ଗୋଲେଇ ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପବିତ୍ର ଅକ୍ଷୟ ତୃତୀୟାରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ଚକରେ ଲାଗିଲା ଅଖ



ନୀଳଗିରି , ୨୦/୪ (ନି.ପ୍ର): ଆଜି ପବିତ୍ର ଅକ୍ଷୟତୃତୀୟା ତିଥି ଦିବସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ଉପଲକ୍ଷେ ରଥନିର୍ମାଣର ପ୍ରାରମ୍ଭିକ ଶୁଭକାର୍ଯ୍ୟ ଚକରେ ଅଖ ଲଗା ଅନୁକୂଳ ହୋଇଯାଇଛି।ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବାହ୍ନ ଦଶ ଘଟିକାରେ ପାରମ୍ପରିକ ଯଥା ରୀତି ନୀତି ବିଧି ବିଧାନ ଅନୁଯାୟୀ ପୁରୋହିତ ମହାପ୍ରଭୁଙ୍କ ଆଦି ସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଙ୍କୁ ନେଇ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଠାକୁର ମାହାଲ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ,ତହସିଲଦାର ଶ୍ରୀମତୀ ସୋନମ ଦାସ ପ୍ରମୁଖ ଙ୍କ ଉପସ୍ଥିତିରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ଚକରେ ଅଖ ଲଗା ଶୁଭ ଅନୁକୂଳ ହୋଇଯାଇଛି। ରଥ ନିର୍ମାଣରେ ବ୍ୟବହୃତ ସମସ୍ତ ଉପକରଣ ଗୁଡ଼ିକୁ ମୁଖ୍ୟ କାରିଗର ମହାରଣା କାର୍ତ୍ତିକ ଚନ୍ଦ୍ର ମହାରଣା ଏବଂ ସହଯୋଗୀ ପୂଜାର୍ଚ୍ଚନା କରିବା ସହ ସମସ୍ତ ବିଧି ମୁତାବକ କାର୍ଯ୍ୟ ସମ୍ପାଦନ କରିଥିଲେ ।ସେହି ଭଳି ରଘୁନାଥ ଜୀଉ ଙ୍କ ରଥର ନିର୍ମାଣ କାର୍ଯ୍ୟ ପାଇଁ ଯଥା ବିଧି କାର୍ଯ୍ୟ ସମ୍ପନ୍ନ ହୋଇଛି ।ଏହି ପବିତ୍ର ଦିବସରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଅନୁକୂଳ ପର୍ବରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଦି ସେବକ, ପଣ୍ଡା, ପୁରୋହିତ, ଘଣ୍ଟୁଆ,ଶଙ୍ଖୁଆ, ଶ୍ରଦ୍ଧାଳୁ ଭକ୍ତ, ଜଗନ୍ନାଥ ପ୍ରେମୀ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମର ପ୍ରତିନିଧି ସାମିଲ ହୋଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida